ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୧୯ ଡିସେମ୍ବର, ୨୦୨୨



## ଏଟିଏମ୍ କାର୍ଡ ଚୋରି କରି ଟଙ୍କା ଉଠାଇ ଯୁବକ ଗିରଫ

ଲାଞ୍ଜିଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ସିନ୍ଧିଭଟ୍ଟା ଗାଁର ବସନ୍ତ ସାହୁଙ୍କ ଏଟିଏମ କାର୍ଡ ଚୋରି କରି ଏଟିଏମ୍‌ରୁ ୮୦ ହଜାର ଟଙ୍କା ଉଠାଇଥିବା ଅଭିଯୋଗରେ ପୋଲିସ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ପେଙ୍ଗସୁର ଗ୍ରାମର ସାମନ୍ତ ବାଗ। ବିଜେପୁର ଥାନା ସିନ୍ଧିଭଟ୍ଟା ଗାଁର ବସନ୍ତଙ୍କ ଏଟିଏମ କାର୍ଡ ଚୋରି କରି ୮୦ ହଜାର ଟଙ୍କା ଉଠାଇ ନେଇ ଥିବା ବିଜେପୁର ଥାନାରେ ନଭେମ୍ବର ୨୪ରେ ଅଭିଯୋଗ କରିଥିଲେ। କୌଣସି ସୂତ୍ରରୁ ଖବର ପାଇ ବିଜେପୁର ପୋଲିସ ସାମନ୍ତଙ୍କୁ ଗିରଫ କରି ଏଟିଏମ୍ କାର୍ଡ ଏବଂ ଏକ ମୋବାଇଲ ଜବତ କରିଛି।

## ସଂକ୍ଷେପରେ

### ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

**ୱେବିଲ୍ ନ ଥିବାରୁ ୨୫ ହଜାର ଜରିମାନା**

କେସିଙ୍ଗା,୧୮।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ନିକଟ ତହଶିର ଶିବ ମନ୍ଦିରଠାରେ ଜିଲା ଜିଏସଟି ଏନ୍‌ଫୋର୍ସମେଣ୍ଟ ଟିମ୍ ରବିବାର ଚଢ଼ାଉ କରିଛି। ବିନା ୱେବିଲରେ ଚାଲାଣ ହେଉଥିବା ଗାଡିରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଭୁବନେଶ୍ୱରଠାରୁ କେସିଙ୍ଗା ଆସୁଥିବା ଏକ ଗାଡ଼ି (ନଂ.ଓଡି୦୨-ଡିଏକ୍ସ-୧୮୬୫)କୁ ଜିଏସ୍‌ଟି ଟିମ ୨୫ ହଜାର ଟଙ୍କା ଫାଇନ କଟାଯାଇଛି। ପ୍ରାପ୍ତ ଖବର ଅନୁଯାୟୀ ଗାଡ଼ିରେ ଚାଉମିଁନ ଓ ଆଚାର ଲୋଡିଂ ହୋଇ କେସିଙ୍ଗା ଆସୁଥିଲା। ଗାଡ଼ିରେ ୱେ ବିଲ ନ ଥିବାରୁ ଗାଡ଼ିକୁ ୨୫ ହଜାର ଟଙ୍କା ଫାଇନ କଟାଯାଇ ଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ଚଢାଉରେ ଜିଏସଟି ଟିମର ନୀଳାଦ୍ରି ଦାଡିଆ, ଭବାନୀଶଙ୍କର ପଟେଲ ଓ ନିମେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମମହୋତ୍ସବ

ମଦନପୁର,୧୮।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ସତ୍‌ସଙ୍ଗ ବିହାରଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମମହୋତ୍ସବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ଭବାନୀପାଟଣାରୁ ସହପତି ରିତିକ ଶେଷଦେବ ଠାକୁର, ଶୁହାଗ ରନ୍‌ଜନ ଖମାରୀ, ସହପତି ରିତିକ ଧର୍ମଗଡ ରଜନୀ କାନ୍ତ ପଣ୍ଡା ଯୋଗଦେଇ ଠାକୁର ଅନୁକୁଳ ଚନ୍ଦ୍ରଙ୍କ ଭାବଧାରା ଉପରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମର ଶତାଧିକ ଗୁରୁଭାଇ ଓ ଗୁରୁମା'ମାନେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟାରେ ଅନୁକୂଳ ଚନ୍ଦ୍ରଙ୍କ ବିଗ୍ରହକୁ ରଥାରୁଢ କରି ନଗର କୀର୍ତନରେ ବାହାରି ଥିଲେ। ଶୋଭାଯାତ୍ରା ସତସଙ୍ଗ ବିହାରରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଜାତିଧର୍ମ ନିର୍ବିଶେଷରେ ଗ୍ରାମବାସୀ ସାମିଲ ହୋଇଥିଲେ। ମଧ୍ୟାହ୍ନରେ ଆନନ୍ଦ ବଜାରରେ ଶତାଧିକ ଭକ୍ତ ପ୍ରସାଦ ସେବନ କରିଥିଲେ। ମଦନପୁର ରିତିକ ଅଶ୍ୱିନୀ କୁମାର ଘୋଷଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନାରେ ଉତ୍ସବ ସମାପନ ହୋଇଥିଲା। ଏହି ଅବସରରେ ସତସଙ୍ଗ ବିହାରରେ ଏକ ଭକ୍ତିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥିଲା।

### ଗାୟତ୍ରୀ ଶକ୍ତିପୀଠରେ ଯଜମାନ ସଙ୍କଳ୍ପ, ମାଟିଯାତ୍ରା ସମ୍ପନ୍ନ

ସିନାପାଲି,୧୮।୧୨(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲିରେ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଏବଂ ସଂସ୍କାର ମହୋତ୍ସବ ନିମନ୍ତେ ରବିବାର ସ୍ଥାନୀୟ ଶକ୍ତିପୀଠରେ ଯଜମାନ ସଙ୍କଳ୍ପ ସମାରୋହ ସହ ମାଟିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧି ଅନୁଯାୟୀ ସଂକଳ୍ପ ସମାରୋହ କରାଯାଇଥିବା ବେଳେ ନୂଆପଡ଼ା ଜିଲା ସଂଯୋଜକ ଜୟରାମ ଶବର, ଜିଲା ଯୁବା ପ୍ରଭାରି ଯାସନାରାୟଣ ଅହିର, ଶାନ୍ତିକୁଞ୍ଜ ପ୍ରତିନିଧି ଖଗପତି ମେହେର, ଦିଲୀପ କୁମାର ସିହ୍ନା, କେନୁରାମ ଯାଦବ, ସୋମେଶ ଦେୱାଙ୍ଗନ, ସଦାନନ୍ଦ ଠାକୁର, ପୂର୍ଣ୍ଣଚନ୍ଦ ମେହେର, ଅର୍ଜୁନ ବାଗ, ଶକ୍ତିପୀଠ ସଭାପତି ଶଶିଭୁଷଣ ମାଝି, ମହାଯଜ୍ଞ ସଭାପତି ତରୁଣ କୁମାର ମେହେର, ସମ୍ପାଦକ ତ୍ରିନାଥ ମେହେର ପ୍ରମୁଖ ସଙ୍କଳ୍ପ ସମାରୋହର ମହତ୍ୱ ବିଷୟରେ ଅବଗତ କରାଇଥିଲେ। ଏହା ପରେ ଗାୟତ୍ରୀଙ୍କ ଚବିଶ ଅବତାର ମୂର୍ତ୍ତି ନିର୍ମାଣ ପାଇଁ ମାଟିଅଣା ଶୋଭାଯାତ୍ରା ହୋଇଥିଲା। ମାଟିଯାତ୍ରାରେ ପ୍ରଥମେ କୁମ୍ଭାର ଘରକୁ ଯାଇ ପୂଜାବିଧି ପରେ ସେଠାରୁ ପବିତ୍ର ମାଟି ଧରି ସହର ପରିକ୍ରମା କରାଯାଇଥିଲା। ଏଥିସହ ସହର ସମସ୍ତ ଦେବଦେବୀ ମନ୍ଦିରର ଦର୍ଶନ ପୂର୍ବକ ପବିତ୍ର ମାଟିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ଶୈଲେସ ଅଗ୍ରୱାଲ, ମୁନେଶ ଅଗ୍ରୱାଲ, ଦିନେଶ ମେହେର, ସନ୍ତୋଷ ନାଏକ, ଶ୍ରୀକାନ୍ତ ମେହେର, ମଧୁ ପାତ୍ରଙ୍କ ସହ ଶକ୍ତିପୀଠର ସମସ୍ତ ପରିଜନ ଭାଇଭଉଣୀ ସହଯୋଗ କରିଥିଲେ। ସଂକଳ୍ପ ସମାରୋହ ଏବଂ ମାଟିଯାତ୍ରାରେ ସ୍ଥାନୀୟ ଅଞ୍ଚଳ ସହ କଳାହାଣ୍ଡି, ବଲାଙ୍ଗୀର ଜିଲା ସମେତ ଛତିଶଗଡ଼ ଅଞ୍ଚଳର ଶତାଧିକ ଯଜମାନ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ ଶିଶୁ ନାଟକ, ନୃତ୍ୟ ଉତ୍ସବ ଉଦ୍‌ଘାଟିତ






ରାଜ୍ୟସ୍ତରୀୟ ଶିଶୁ ନାଟକର ଦୃଶ୍ୟ ଓ ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ।

ଭବାନୀପାଟଣା,୧୮।୧୨(ସ୍ୱ.ପ୍ର.)

ଭବାନୀପାଟଣା ଟାଉନ ହଲଠାରେ ନାଟକ ଓ ଲୋକନୃତ୍ୟ ପ୍ରତି ସମର୍ପିତ ସଙ୍ଗମର ନବମ ରାଜ୍ୟସ୍ତରୀୟ ଶିଶୁ ନାଟକ ଓ ନୃତ୍ୟ ଉତ୍ସବ ଉଦ୍‌ଘାଟିତ ଶନିବାର ସନ୍ଧ୍ୟାରେ ହୋଇଯାଇଛି। ଜଗତରେ ଶିଶୁ ସତ୍ୟ-ଶିବ-ସୁନ୍ଦରର ପ୍ରତୀକ। ଆଜିର ଶିଶୁ ଆସନ୍ତାକାଲିର ସ୍ୱର ଓ ସାକ୍ଷର। ଶିଶୁ ଭିତରେ ଥିବା ସୁପ୍ତ ପ୍ରତିଭାକୁ ଲୋକଲୋଚନ ଆଣି ସେମାନଙ୍କୁ ଉତ୍ସାହ ଦେବା ସମାଜର ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଙ୍ଗମ ଅଧ୍ୟକ୍ଷ ନାଟ୍ୟକାର ରାଜେନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ବିଶିଷ୍ଟ

**ମନମୋହିଲା ଶିଶୁ ନାଟକ**

ସାହିତ୍ୟିକ ରାସବିହାରୀ ବେହେରା ଓ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଶଙ୍କର ନାଏକ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ରାଧେଶ୍ୟାମ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନ କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ନନ୍ଦ। ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ପରିବେଶିତ ଶିଶୁ ନାଟକ ଦର୍ଶକମାନେ ଉପଭୋଗ କରିଥିଲେ। ଏଥିରେ କାଉଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟ କଳାକାର ଦ୍ୱରା ଓ ନାଟ୍ୟକାର ସନ୍ତୋଷ ପାତ୍ରଙ୍କ 'ବାଲ୍ୟ ବିଧବା:ଏକ ଅଭିଶାପ', ୨ୟ ନାଟକ 'ଇ ଯନ୍ତର କେଁ ମନ୍ତର କଲା'-ଅରୁଣ କୁମାର ପାଣିଗ୍ରାହୀଙ୍କ ରଚନା ଓ ନିର୍ଦ୍ଦେଶନାରେ ପରିବେଷଣ କରିଥିଲେ। ସେହିପରି ବୃନ୍ଦାବନ ସ୍ମାର୍ଟ ସ୍କୁଲ ଛାତ୍ରୀଛାତ୍ର ତୃତୀୟ ନାଟକ 'ଏ ବୁଆ ଗୋ ଇ ମୁବାଇଲ'କୁ ସୌରଭ ପଣ୍ଡାଙ୍କ ନିର୍ଦ୍ଦେଶନାରେ ହାଇଟେକ ପବ୍ଲିକ ସ୍କୁଲ କଳାକାର ମଞ୍ଚ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରା ଚତୁର୍ଥ ନାଟକ 'ସିଦ୍ଧାର୍ଥ'କୁ ନିର୍ଦ୍ଦେଶନା ଦେଇଥିଲେ ଶିକ୍ଷୟିତ୍ରୀ କ୍ଷୁପ୍ରିୟା ଚଣ୍ଡ। ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପକ୍ଷରୁ ଅଭିନୀତ ପଞ୍ଚମ ନାଟକ 'କାତି'କୁ ନାଟ୍ୟକାର ସୁମତି ମୁଣ୍ଡ ରଚନା କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଗୋଦାବରୀଶ ମିଶ୍ର ଏବଂ ପ୍ରଥମ ଦିନର ଶେଷ ନାଟକ 'ଆଗକେ ପାଦେ'-ସୁଜାତା ଯୋଷୀଙ୍କ ନିର୍ଦ୍ଦେଶନାରେ ଗଣନାଥପୁର ଉଚ୍ଚ ବିଦ୍ୟାଳୟ ବିଦ୍ୟାର୍ଥୀମାନେ ପରିବେଷଣ କରିଥିଲେ। ବିଚାରପତି ଭାବେ ଡ. ଉମେଶ ଚନ୍ଦ୍ର ଶତପଥୀ, ଶଙ୍କର ନାଏକ ଓ ସତ୍ୟ ରଞ୍ଜନ ଠାକୁର ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଚକ୍ରଧର ମହାରଣା, ସୁଶାନ୍ତ ପ୍ରଧାନୀ, ଲିପ୍ସା ମହାରଣା, ଯୋଗେନ୍ଦ୍ର ରଣା, ଦୂର୍ବାଦଳ ସୁନା ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନ କଳାକାରଙ୍କ ଚିତ୍ତାକର୍ଷକ ବଜାଶାଲ ସହ ଏକକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା।

# ଘାସିରାମ ମେମୋରିଆଲ ଫୁଟ୍‌ବଲ: ମାଟିଗାଁ ଚାମ୍ପିୟନ

କୋକସରା,୧୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ସଦର ମହକୁମା କସ୍ତୁରବା ଖେଳ ପଡ଼ିଅରେ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଘାସିରାମ ବାଗ ମେମୋରିଆଲ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ସମ୍ମାନିତ ଅତିଥି ଭାବେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସ, କଂଗ୍ରେସ ନେତା ପୁରୁଷୋତ୍ତମ ଗୁପ୍ତା, ଅଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ସଞ୍ଜୟ କୁମାର ସିଙ୍ଘଲ, ତ୍ରିଭୁବନ ପ୍ରଧାନୀ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ମାଟିଗାଁ ବନାମ ବାନେର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଗୋଲ ସ୍କୋର କରିବାରେ ସକ୍ଷମ ନ ହେବାରୁ ପେନାଲଟିକ ସୁଟଆଉଟରେ ମାଟିଗାଁ ମ୍ୟାଚ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ମାଟିଗାଁ ଓ ରନର୍ସଅପ ବାନେର ଦଳକୁ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ଫାଇନାଲ ମ୍ୟାଚ ରେଫରି ନିର୍ମଳ ଦଣ୍ଡସେନା, ଶଙ୍କର ପୋଢ଼ ଓ ତାପସ ଦାସ ପରିଚାଳନା କରିଥିଲେ। ମୋହନ ବାଗ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ସ୍ପୋର୍ଟ୍ସ କ୍ଲବ ସଭାପତି ତ୍ରିମୋହନ ନାଏକ, ସମ୍ପାଦକ କ୍ଷୀରସିନ୍ଧୁ ନେଗି, ମହେଶ ଗୁପ୍ତା, ସୁରେନ୍ଦ୍ର ମାଝି, ଜିତାମିତ୍ର ପ୍ରଧାନୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, ସଚିନ ଗୁପ୍ତା, କାମାକ୍ଷ ପ୍ରସାଦ ନାଏକ, ମାନସ ରଞ୍ଜନ ବେହେରା ଓ ଅନ୍ୟ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

# ଶ୍ରମିକ ବଦଳରେ ମେଶିନରେ ହେଉଛି କାମ

ଗୋଲାମୁଣ୍ଡା,୧୮।୧୨(ଡି.ଏନ.ଏ.)

ଶ୍ରମିକମାନେ କାମଧନ୍ଦା ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନ ନିର୍ମାଣ କାର୍ଯ୍ୟରେ ଶ୍ରମିକମାନଙ୍କୁ ନିୟୋଜିତ କରା ନ ଯାଇ ମେଶିନ ସାହାଯ୍ୟରେ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଶ୍ରମିକମାନେ କାମଧନ୍ଦା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଗଣ୍ଡାମେର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମ ପଡ଼ାଠାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ନିର୍ମାଣ କାର୍ଯ୍ୟରେ ମାଟିଖୋଳା ମେଶିନ ସାହାଯ୍ୟରେ କରାଯାଉଥିବା ଦେଖିବାକୁ ମିଳୁଛି। ପ୍ରାପ୍ତ ସୂଚନାନୁସାରେ ଆର୍ଥିକ ବର୍ଷ ୨୨-୨୩ କାର୍ଯ୍ୟର ନାମ ଗଣ୍ଡାମେରଠାରେ ଗ୍ରାମୀଣ ଉଦ୍ୟାନ ନିର୍ମାଣ ଫେଜ ନଂ.୧ ଅଟକଳ ପରିମାଣ ୧୦ ଲକ୍ଷ, ଗଣ୍ଡାମେର ଖେଳ ପଡ଼ିଆର ଉନ୍ନତି ସାଧନ ବାବଦକୁ ଅଟକଳ ପରିମାଣ



**ଗଣ୍ଡାମେର ଗ୍ରାମପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରହସନ**

୫ ଲକ୍ଷ କାର୍ଯ୍ୟ ହେଉଥିବା ସୂଚନା ଫଳକରୁ ଜଣାପଡ଼ିଛି। ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ସ୍ଥାନୀୟ ଶ୍ରମିକମାନଙ୍କୁ ଦୈନିକ ମଜୁରୀ ୩୨୬ ଟଙ୍କା ହିସାବରେ ନିଯୁକ୍ତି କରି କାର୍ଯ୍ୟ ସମ୍ପାଦନ କରିବା ନିୟମ ରହିଛି। ହେଲେ ଏହି ଗ୍ରାମ ପଞ୍ଚାୟତରେ ଓଲଟା ଶ୍ରମିକ ବଦଳରେ ମେଶିନ କାମ କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଜନପ୍ରତିନିଧି ଓ ପଞ୍ଚାୟତ କର୍ମଚାରୀମାନେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଜଣାପଡିଛି। ଏ ନେଇ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରେଙ୍ଗୋ ନାଏକଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିବା ସହ ଠିକାଦାରଙ୍କୁ ତାଗିତ କରିଥିବା ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ପତଞ୍ଜଳି ଯୋଗ ସମିତିର ନୂତନ କର୍ମକର୍ତ୍ତା ଚୟନ

ଖଡ଼ିଆଲ,୧୮।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ଅଗ୍ରସେନ ଭବନଠାରେ ରବିବାର ପତଞ୍ଜଳି ଯୋଗ ସମିତି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପତଞ୍ଜଳି ଯୋଗ ସମିତି ରାଜ୍ୟ ପ୍ରଭାରୀ ରାଧା ମୋହନ ବହିଦାର (ସମ୍ବଲପୁର) ସଭାପତିତ୍ୱ କରିଥିବା ବେଳେ ଭାରତ ସଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ କ୍ଷମାନିଧି ଦୱାଙ୍ଗନ ଓ ପତାଞ୍ଜଳୀ ଯୋଗ ସମିତି ଜିଲା ପ୍ରଭାରୀ ହେମନ୍ତ କୁମାର ଦଣ୍ଡସେନା ମଞ୍ଚାସୀନ ଥିଲେ। ବୈଠକରେ ପତଞ୍ଜଲି ଯୋଗ ସମିତି ଖଡ଼ିଆଲ ତହସିଲ ପ୍ରଭାରୀ ଭାବେ ବିଭୂତି ଭୂଷଣ ବିଶିଙ୍କୁ ମନୋନୀତ କରାଯାଇଛି। ସେହିପରି ଭାରତ ସ୍ୱାଭିମାନ ଟ୍ରଷ୍ଟ ୟୁନିଟ ତହସିଲ ପ୍ରଭାରୀ ଭାବେ ଚକ୍ରଧର ସେଠି, ତହସିଲର କାର୍ଯ୍ୟକାରୀ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର କର୍ମୀ, ଖଡ଼ିଆଲ ତହସିଲ ଯୁବ ପ୍ରଭାରୀ ଅରୁଣ କୁମାର ଅଗ୍ରୱାଲ, କୃଷକ ପ୍ରଭାରୀ ପ୍ରଦୀପ କୁମାର ଦାଣ୍ଡସେନା, କୋଷାଧ୍ୟକ୍ଷ ଭାବେ ବିକାଶ ଶୁକ୍ଳା, ଉପଦେଷ୍ଟା ଭାବେ ଡୋଲାମଣି ସିଂ ବାବୁ, ଜଗବନ୍ଧୁ ବାରିକ, ନରେଶ ଅଗ୍ରୱାଲଙ୍କୁ ମନୋନୀତ କରାଯାଇଛି। ବୈଠକ ପୂର୍ବରୁ ସକାଳେ ଅଗ୍ରସେନ ଭବନଠାରେ ଏକ ସ୍ୱତନ୍ତ୍ର ଯୋଗାଭ୍ୟାସ ଓ ହୋମଯଜ୍ଞ କରାଯାଇଥିଲା। ଯୋଗ ଶିକ୍ଷକ ନିହାର ରଞ୍ଜନ ଯୋଶୀ, ଯୋଗ ଶିକ୍ଷକ ଅରବିନ୍ଦ ବେହେରା, ଜିତେନ୍ଦ୍ରନାଥ ପଟ୍ଟନାୟକ, ହୃଷୀକେଷ ମେହେର, ଯୋଗ ଶିକ୍ଷକ ଦ୍ରୋନେଶ୍ୱର ଜଗତ, ଯୋଗ ଶିକ୍ଷକ ଦିବ୍ୟ ରଞ୍ଜନ ସାହୁଙ୍କ ସମେତ ଯୋଗପ୍ରେମୀ ସହଯୋଗ କରିଥିଲେ।

# ୟୁଥ୍ ଟେନିସ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସିନାପାଲି,୧୮।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲି ପଞ୍ଚାୟତ ହାଇସ୍କୁଲ ଖେଳପଡିଆରେ ୟୁଥ ଟେନିସ କ୍ରିକେଟ ଟୁର୍ନାମେଣ୍ଟ-୨୦୨୨ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ଗଣ୍ଡାବାହାଲି ସରପଞ୍ଚ କୈଶଲ୍ୟା ମେହେର, ସାମାଜିକ କର୍ମୀ ତ୍ରିନାଥ ମେହେର, ପଞ୍ଚାୟତ ହାଇସ୍କୁଲ କ୍ରୀଡା ଶିକ୍ଷକ ଗଙ୍ଗାରାମ ମେହେର ଉପସ୍ଥିତ ରହିଥିଲେ। ପ୍ରଥମ ମ୍ୟାଚ ନେହେନା ଓ ସାଗୁନଭାଡି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଧାରିତ ୧୦ ଓଭରରେ ୭ଟି ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିଲା। ବିପକ୍ଷରେ ନେହେନା ୩.୫ ଓଭରରେ ୧ ଟି ଉଇକେଟ ହରାଇ ବିଜୟ ହୋଇଥିଲା। ଖେଳକୁ ଦୁଇଜଣ କ୍ରୀଡା ପରିଚାଳକ ଆଶୀଷ ଖମାରୀ ଓ ହେମନ୍ତ ମେହେର ପରିଚାଳନା କରୁଥିବା ବେଳେ ଥବୀର ଦୀପ, ପ୍ରୀତିସ ଖମାରୀ ଧାରବିବରଣୀ ପ୍ରଦାନ କରିଥିଲେ। ସ୍କୋର ଦାୟିତ୍ୱ ଦୀପକ ମେହେର ତୁଲାଇ ଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନୀରେ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

# ଅପହରଣ ଅଭିଯୋଗରେ ୨ ଗିରଫ

ଖଡ଼ିଆଲ,୧୭।୧୨(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ପୋଲିସ ଏକତରଫା ପ୍ରେମ କରି ସମ୍ପର୍କୀୟ ଶାଳୀଙ୍କୁ ଅପହରଣ କରିବା ଅଭିଯୋଗରେ ଭିଣୋଇ ଓ ସହଯୋଗ କରିଥିବା ଗାଡ଼ି ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ହେଲେ ଶିଶୁପାଳ ଜୁଏଡ଼ ଓ ଡ୍ରାଇଭର ବସନ୍ତ ମେହେର। ଶୁକ୍ରବାର ସ୍ଥାନୀୟ ଏକ କଲେଜରୁ ଯୁକ୍ତ୩ ୨ୟବର୍ଷର ଛାତ୍ରୀ ପରୀକ୍ଷା ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ତୁକୁଲା ଗ୍ରାମ ପୋଖରୀଠାରୁ ଯୁବତୀଙ୍କ ସମ୍ପର୍କୀୟ ଭିଣୋଇ ଶିଶୁପାଳ ଓ ଡ୍ରାଇଭର ବସନ୍ତ ଗାଡି ଯୋଗେ ବଲାଙ୍ଗୀର ଜିଲା ଚାନ୍ଦୋତରା ଗ୍ରାମ ଆଡକୁ ନେଉଥିଲେ। ଯୁବତୀ ପାଟି କରିବାରୁ ଗ୍ରାମବାସୀ ଆସି ଗାଡି ସହିତ ୩ଜଣଙ୍କୁ ଅଟକ ରଖିଥିଲେ। ଖବର ପାଇ ସିନ୍ଧେକେଲା ପୋଲିସ ଉଦ୍ଧାର କରି ରଖିଥିଲା। ପରେ ଖଡ଼ିଆଲ ପୋଲିସ ସିନ୍ଧେକେଲା ଥାନାରୁ ନେଇ ଆସିଥିଲେ। ଯୁବତୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୫୩୦/୨୨) ରୁଜୁ କରି ୨ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଧର୍ମଗଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘର ବୈଠକ

ବେହେରା,୧୮।୧୨(ଡି.ଏନ.ଏ.)

ଭୁବନେଶ୍ୱରରେ ଗଣଧାରଣା ଦେବା ପାଇଁ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘ ଏକ ପ୍ରସ୍ତୁତି ବୈଠକ ରବିବାର ତରାପୁରଠାରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘଦିନରୁ ଏକ୍ସକଡ୍ୟାର ଶିକ୍ଷକ ସଂଘ ସରକାରଙ୍କ ପାଖରେ ବିଭିନ୍ନ ସମସ୍ୟା ସହ ଦାବି ଉପସ୍ଥାପନା କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏହାକୁ ନେଇ ଆସନ୍ତା ୨୩ ତାରିଖଠାରୁ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ରାଜରାସ୍ତାକୁ ଓହ୍ଲାଇବା ସହ ଧାରଣା ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏକ୍ସକ୍ୟାଡରକୁ ଉଚ୍ଛେଦ କରି କ୍ୟାଡରଭୁକ୍ତ କରିବା, ଓଟିଇଟି ଉଚ୍ଛେଦ, ସମସ୍ତଙ୍କୁ ଇନକ୍ରିମେଣ୍ଟ ପ୍ରଦାନ, ସମସ୍ତ ପ୍ରକାର ଯୋଗ୍ୟତା ଥିବା ଗଣଶିକ୍ଷକଙ୍କୁ ନିୟମିତ ମାନ୍ୟତା ପ୍ରଦାନ ପ୍ରମୁଖ ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଧର୍ମଗଡ ପ୍ରାଥମିକ ଶିକ୍ଷକ ଏକ୍ସକ୍ୟାଡର ସଂଘ ସଭାପତି ଲଳିତ ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲା ଏକ୍ସକ୍ୟାଡର ସଭାପତି ସୁବ୍ରତ ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଜୁନାଗଡ ବ୍ଲକ ସଭାପତି କୈଳାସ ଚନ୍ଦ୍ର ବିଶି, କୋକସରା ବ୍ଲକ ସଭାପତି ଗଗନ ବିହାରୀ ପଟ୍ଟନାୟକ, ସମ୍ପାଦକ ନିଲୁ ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମଗଡ ବ୍ଲକର ସମସ୍ତ ପ୍ରାଥମିକ ଏକ୍ସକ୍ୟାଡର ଶିକ୍ଷକ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଏକ୍ସକ୍ୟାଡର ଶିକ୍ଷକ।

# ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ, ୭୧ ପ୍ରକଳ୍ପ ପ୍ରଦର୍ଶିତ

ଭବାନୀପାଟଣା,୧୮।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ମେଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇଥିଲେ। ଜିଜ୍ଞାସାରୁ ନୂତନତା ଓ ନୂତନତାରୁ ଆବିଷ୍କାର ଓ ଉଦ୍ଭାବନ। ସେଥିପାଇଁ ନିଜ ଭିତରେ ନିଜକୁ ପ୍ରଶ୍ନ ପଚାରିବାର ଓ ମନଭିତରେ ଥିବା ସନ୍ଦେହକୁ ମୋଚନ କରିବାକୁ ଛାତ୍ରୀଛାତ୍ରମାନେ ଅହରହ ପ୍ରୟାସ କଲେ ଦିନେ ସଫଳତାର ଶିଖରରେ ନିଶ୍ଚୟ ପହଞ୍ଚି ପାରିବେ ବୋଲି ଜିଲାପାଳ କହିଥିଲେ। ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମେଲାଲ ଦୁବେ, ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡା, ବିଇଓ ନର୍ଲା ତପିମଣି ଜାନୀ, ବିଇଓ କେସିଙ୍ଗା ବବ୍ରୁବାହାନ ପ୍ରଧାନ, ବିଇଓ ଥୁଆମୂଳ ରାମପୁର ଲୋକନାଥ ବେହେରା ଯୋଗଦେଇଥିଲେ।



ଜିଲାସ୍ତରୀୟ ବିଜ୍ଞାନମେଳାକୁ ଜିଲାପାଳ ପରିଦର୍ଶନ କରୁଛନ୍ତି।

କାର୍ଯ୍ୟକ୍ରମ ଶଗଡା ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁ ପରିଚାଳନା କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଓୟୁଏଟି ଡିନ ତଥା ବୈଜ୍ଞାନିକ ପ୍ରଫେସର ଡ. ସପନ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ପବ୍ଲିକ ହେଲ୍ଥ ଅଫିସର ଡା, ନିହାରେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ପଣ୍ଡା କହିଥିଲେ ଯେ, ବିଜ୍ଞାନ ଜୀବନକୁ ସରଳ କରିଛି ଓ ଜୀବନକୁ ଆହୁରି ସରସ ସୁନ୍ଦର କରିବା ପାଇଁ ସମସ୍ତ ଯୋଗ ବିଜ୍ଞାନକୁ ଆପଣାଇବା ଆବଶ୍ୟକ। ମୁଖ୍ୟଅତିଥି ପ୍ରଫେସର ତ୍ରିପାଠୀ କହିଥିଲେ ଯଦି ଚେଷ୍ଟା ନିରବଚ୍ଛିନ୍ନ ରହେ ତେବେ ଜୀବନରେ ସଫଳତା ନିଶ୍ଚିତ ପ୍ରାପ୍ତ ହେବ। କାର୍ଯ୍ୟକ୍ରମରେ ଡିଆଇପିଆର୍‌ଓ ମନୋଜ ବେହେରା, ବିଇଓ କୋକସରା ନେପାଳଚନ୍ଦ୍ର ବାଗ, ବିଇଓ ଭବାନୀପାଟଣା ଠାକୁର ଚରଣ ସାହୁ, ବିଇଓ ଧର୍ମଗଡ଼ ନବକିଶୋର ସାହୁ, ଜିଲା ଶାରୀରିକ ଶିକ୍ଷରା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର

**ଜିଜ୍ଞାସାରୁ ନୂତନତା ଓ ନୂତନତାରୁ ଉଦ୍ଭାବନ**

ପାଢ଼ି ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ପୂର୍ବତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରକାଶ ନିଶଙ୍କ। ଜିଲାର ବିଭିନ୍ନ ବ୍ଲକରୁ ଚୟନ ହୋଇଥିବା ୭୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବେ । ବିଚାରକ ଭାବେ ଜୁନାଗଡ଼ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟ ଅଧ୍ୟାପିକା ସସ୍ମିତା ପଣ୍ଡା, ମ.ରାମପୁର କଲେଜ ଅଧ୍ୟାପକ ତ୍ରିନାଥ ବିଷୋୟୀ, ପ୍ରଗତି କନ୍ସେପ୍ଟ ସ୍କୁଲର ଶିକ୍ଷକ ଉଦିତ ପ୍ରତାପ ଗହୀର ଓ ଭବାନୀପାଟଣା ଶାସ୍ତ୍ରୀଜୀ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ତୁଷାରକାନ୍ତ ଦାଶ ଯୋଗଦେଇଥିଲେ। ଶାନ୍ତିଶଙ୍ଖଳା ରକ୍ଷା ତଥା କାର୍ଯ୍ୟକ୍ରମରେ ସହଯୋଗ କରିବା ନିମନ୍ତେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ବରିଷ୍ଠ ଶିକ୍ଷକ ରବି କାନୁନୋଗଙ୍କ ନେତୃତ୍ୱରେ ସମସ୍ତେ ଯୋଗଦେଇଥିଲେ।

## ସଂକ୍ଷେପରେ

### ଗୌରୀଶଙ୍କର ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ବୌଦ୍ଧ,୧୮।୧୨(ସ୍ୱ.ପ୍ର.):** ବୌଦ୍ଧର ଇଂରାଜୀ ମାଧମ ବିଦ୍ୟାଳୟ ଗୌରୀଶଙ୍କର ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ କ୍ରୀଡା ଉତ୍ସବ କଚେରୀ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବରେ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ବାର୍ଷିକ କ୍ରୀଡାକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ସେହିପରି ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ରାଉତ ଯୋଗଦେଇ କ୍ରୀଡା ପତାକା ଅବତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତାରେଣି କୁମାର ମହାପାତ୍ରଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡା ଉତ୍ସବ ହୋଇଥିଲା । ସଂପାଦକ ଧୂରୀଣ କୁମାର ଦେହୁରୀ,ବିଦ୍ୟାଳୟର ଅଧକ୍ଷ ରାଜକିଶୋର ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ଉତ୍ସବ ପରିଚାଳନା କରାଯାଇଥିଲା। ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରୀ ବିଭିନ୍ନ କ୍ରୀଡାରେ ଅଂଶଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷକ ଆର.କେ. ରାଉତ,ଶ୍ରୀକାନ୍ତ ବହିଦାର,ବିମଳ ବାରିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନା ବିଶ୍ୱାଳ, ଏସ. ପ୍ରଧାନ,ରଜତ କୁମାର ମହାପାତ୍ର,ଲିକେନ ତରିଆ ଓ ତନବୀର ଇସଲାମଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କ୍ରୀଡା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

### ଝିଅ ବାହାଘରେ ପ୍ରତି କର୍ମଚାରୀଙ୍କୁ ଦେଲେ ୨ଲକ୍ଷର ଉପହାର

**ଅମରପାଲି,୧୮।୧୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣି ଗ୍ରାମର ବିଶିଷ୍ଟ ବ୍ୟବସାୟୀ କୁଶ କୁମାର ସାହୁଙ୍କ ଝିଅ ଶତାବ୍ଦୀର ବାହାଘର ସରିଛି। ଏଥିପାଇଁ ସେ ତାଙ୍କ ପାଖରେ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ କାମ କରୁଥିବା ୧୨କର୍ମଚାରୀଙ୍କୁ ପ୍ରତ୍ୟେକ ୨ଲକ୍ଷ ଲେଖାଏର ଏସବିଆଇ ପିଲିସି ଉପହାର ପ୍ରଦାନ କରିଛନ୍ତି। ଏଥିସହିତ ସମସ୍ତ କର୍ମଚାରୀଥଙ୍କୁ ନୂତନ ପୋଷାକ ମଧ ପ୍ରଦାନ କରିଛନ୍ତି। ନିଜର କର୍ମଚାରୀଙ୍କୁ ତାଙ୍କର ଏହି ବଦାନ୍ୟତାକୁ ଅଞ୍ଚଳରେ ପ୍ରଶଂସା କରାଯାଉଛି।

# ଅନିଶ୍ଚିତତାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ

- ଭିଡିଓ କନଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ
- ବସ୍‌ଷ୍ଟାଣ୍ଡ ଓ ପୁରୁଣା ଟାଉନ ହଲ୍‌କୁ ଭାଙ୍ଗି ନିର୍ମାଣ ପ୍ରସ୍ତାବ ରହିଛି

**ସୋନପୁର,୧୮।୧୨(ନି.ପ୍ର.)**

ସୁବର୍ଣ୍ଣପୁରର ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ଅନିଶ୍ଚିତା ମଧ୍ୟରେ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ ହେଁ ଏଥିପ୍ରତି ପରିବହନ ବିଭାଗ, ପୌର ପରିଷଦ କି ଜିଲା ପ୍ରଶାସନର ଦୃଷ୍ଟି ନାହିଁ। ନିର୍ବାଚିତ ଲୋକ ପ୍ରତିନିଧିଙ୍କର ମଧ ଏହି ପ୍ରକଳ୍ପ ପାଇଁ ଆନ୍ତରିକତା ନଥିବା ଅଭିଯୋଗ ହେଉଛି। ମୁଖ୍ୟମନ୍ତ୍ରୀ ୨୦୨୧ ଡିସେମ୍ବର ୨୩ରେ ଭୁବନେଶ୍ୱରରୁ ଭିଡିଓ କନଫେରେନ୍ସିଂ ଯୋଗେ ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣପୁର ସହର ସମେତ, ବୀରମହାରାଜପୁର, ଉଲୁଣ୍ଡା ଓ ବିନିକାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ବସଷ୍ଟାଣ୍ଡଗୁଡିକ ଜିଲାର ସାମଗ୍ରିକ ବିକାଶ ଓ ଯୋଗାଯୋଗ କ୍ଷେତ୍ରରେ ସହାୟକ ହେବ ବୋଲି କୁହାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟର ଓସଓ୍ୱାନ ହଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନିଲ ନରଓ୍ୱଣେଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ପରିବହନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ତେବେ ଜିଲା ସଦର ମହକୁମାର ନୂତନ ବସ୍‌ଷ୍ଟାଣ୍ଡ ପ୍ରକଳ୍ପ ସରକାରଙ୍କ ଫାଇଲ ଭିତରେ ପଡି ରହିଛି। ଏଠାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡ ଓ ପୁରୁଣା ଟାଉନ ହଲକୁ ଭାଙ୍ଗି ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲେ ବି ଆନ୍ତରିକତାର ଅଭାବରୁ ଉକ୍ତ ପ୍ରକଳ୍ପକୁ ନେଇ ଅନିଶ୍ଚିତତା ଦେଖାଦେଇଛି।


ସୁବର୍ଣ୍ଣପୁରର ପୁରୁଣା ବସ୍‌ଷ୍ଟାଣ୍ଡ।

ସୁବର୍ଣ୍ଣପୁର ଜିଲା ଗଠନ ହେବାର ଇତି ମଧ୍ୟରେ ୨୯ ବର୍ଷ ବିତି ସାରିଛି। ଜିଲା ସଦର ମହକୁମାରେ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ସମସ୍ତ ଜିଲାସ୍ତରୀୟ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇସାରିଛି। ଜିଲାର ଡୁଙ୍ଗୁରିପାଲି ବ୍ଲକ ବ୍ୟତୀତ ଅନ୍ୟ ଅଞ୍ଚଳକୁ ରେଳ ସୁବିଧା ଏଯାଏ ଉପଲବ୍ଧ ହୋଇ ପାରିନାହିଁ। ଫଳରେ ଯାତାୟତ ଓ ପରିବହନ ପାଇଁ ଲୋକେ ଯାତ୍ରୀବାହୀ ବସ୍ ଉପରେ ନିର୍ଭରଶୀଳ। ପଡୋଶୀ ଜିଲାମାନଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳକୁ ପ୍ରତିଦିନ ଏହି ବସ୍‌ଷ୍ଟାଣ୍ଡକୁ ବସ ଯୋଗେ ଲୋକେ ଆସିଥାନ୍ତି। ହେଲେ ପୁରୁଣା ବସଷ୍ଟାଣ୍ଡରେ ହିଁ କାମ ଚଳାଯାଉଛି। ମନ୍ଦିରମାଳିନୀ ସହର ସମେତ ଜିଲାରେ ରହିଥିବା ପର୍ଯ୍ୟଟନସ୍ଥଳୀଗୁଡିକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। କିନ୍ତୁ ଏଠାରେ ଥିବା ପୁରାତନ ବସ୍‌ଷ୍ଟାଣ୍ଡର ଅବସ୍ଥା ଶୋଚନୀୟ ହୋଇପଡିଛି। ଯାତ୍ରୀ ବିଶ୍ରାମଗାର ଓ ଶୌଚାଳୟର ସୁବିଧା ନାହିଁ। ଅଳିଆ ଆବର୍ଜନା ପଡି ରହୁଛି। ତେଣୁ ପର୍ଯ୍ୟଟକ ଓ ଯାତ୍ରୀମାନେ ଏଠାକୁ ଆସିବାକୁ ନାପସନ୍ଦ କରୁଛନ୍ତି। ଗତ ୨୦୦୬ ମସିହାରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏହି ବସ୍‌ଷ୍ଟାଣ୍ଡର ନବକଳେବର କରିଥିଲେ। କିନ୍ତୁ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଯାତ୍ରୀ ବିଶ୍ରାମଗାର ବସ୍‌ଷ୍ଟାଣ୍ଡର ପଛ ପାର୍ଶ୍ୱରେ ନିର୍ମାଣ କରାଯାଇଥିଲା। ଏହି ବିଶ୍ରାମଗାରଟି ଏବେ ଅବ୍ୟବହୃତ ହୋଇ ପଡିରହିଛି। ଅଳିଆ ଆବର୍ଜନା ବିଶ୍ରାମାଗାର ସମ୍ମୁଖରେ ପକାଯାଉଛି। ଫଳରେ ବସଷ୍ଟାଣ୍ଡରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପ୍ରତ୍ୟହ ୨୦ରୁ ୨୫ଟି ଲୋକାଲ ବସ ଓ ୧୫ରୁ ଉର୍ଦ୍ଧ୍ୱ ରାତ୍ରିକାଳୀନ ଏକ୍ସପ୍ରେସ ବସ୍ ବସଷ୍ଟାଣ୍ଡ ଦେଇ ଯାତାୟତ କରୁଛି। ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତେଣୁ ନୂତନ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସହରବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ୧୪ କୋଟି ଟଙ୍କାର ଏଷ୍ଟିମେଟ ପ୍ରସ୍ତୁତ କରିଛି। ମାତ୍ର ଏହା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇନାହିଁ। ପୌରପରିଷଦର ଜମି ଉପରେ ଓଡିଶା ରାଜ୍ୟ ପରିବହନ ନିଗମ କି ପୂର୍ତ୍ତ ବିଭାଗ କାମ କରିବ ତାହା ଚୂଡାନ୍ତ ହୋଇପାରୁନି। ରାଜ୍ୟ ସରକାର ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲାବାସୀଙ୍କ ପକ୍ଷରୁ ଦାବି ହେଉଛି।

# ରାସ୍ତାକଡ଼ରୁ ଚୋରି ଗାଡ଼ି ଜବତ

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ ସହର ଉପକଣ୍ଠ ପ୍ରଧାନପାଲି ରାସ୍ତାକଡ଼ରୁ ଗତ ୧୫ତାରିଖ ଚୋରି ହୋଇଥିବା ପିକ୍‌ଅପ୍ ଭ୍ୟାନ (ନଂ.ଓଡ଼ି ୧୫ଡି /୪୦୧୭)କୁ ରବିବାର ଟାଉନ ଥାନା ପୋଲିସ ଜବତ କରିଛି। ବରଗଡ଼-ସମ୍ବଲପୁର ରାସ୍ତାର ବରାହଗୋଡ଼ା ନିକଟରେ ଛିଡ଼ା ହୋଇଥିବା ଅବସ୍ଥାରେ ପିକ୍‌ଅପ୍‌କୁ ଜବତ କରାଯାଇଛି। ଏହି ଚୋରି ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେ ନେଇ ପୋଲିସ ତନାଘନା ଚଳାଇଛି। ଏହି ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୭୮୫/୨୨) ରୁଜୁ ହୋଇଛି।


ରାସ୍ତାକରୁ ଜବତ ହୋଇଥିବା ଗାଡ଼ି ।

ପ୍ରକାଶ ଯେ, ସମ୍ବଲପୁର ଦଲେଇପଡ଼ାର ଅବଦୁଲ ସମଦଙ୍କ ପିକ୍‌ଅପ୍ ଭ୍ୟାନକୁ ଡ୍ରାଇଭର ଭଡ଼ାରେ ବରଗଡ଼କୁ ଆଣିଥିଲେ। ବରଗଡ଼ରୁ ଫେରୁଥିବାବେଳେ ପ୍ରଧାନପାଲି ରାସ୍ତାକଡରେ ଭ୍ୟାନ ରଖି ସେ ଗାଡ଼ିରୁ ଓହ୍ଲାଇ ପରିସ୍ରା କରିବାକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ପିକ୍‌ଅପ୍ ଭ୍ୟାନକୁ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ପିକ୍‌ଅପ୍ ଭ୍ୟାନଟି ବରାହଗୋଡ଼ା ନିକଟରେ ରାସ୍ତାକଡରେ ରହିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଟାଉନ ଥାନା ଆଇଆଇସି ସତ୍ୟଜିତ କାଣ୍ଡନକେଲ ସେଠାକୁ ଯାଇ ପିକ୍‌ଅପ୍ ଭ୍ୟାନକୁ ଉଦ୍ଧାର କରିଥିଲେ। ପିକ୍‌ଅପ୍ ଭ୍ୟାନରେ ତେଲ ନ ଥିବା ଜଣାପଡ଼ିଥିଲା। ଗାଡ଼ିରେ ତେଲ ସରିଯାଇଥିବାରୁ ଅଭିଯୁକ୍ତମାନେ ସେଠାରୁ ଛାଡିଯାଇଥିବା ଅନୁମାନ କରାଯାଉଛି।

# ୨୫୯ଜଣ କଲେ ରକ୍ତଦାନ


ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

### କମସରା ଫାଣ୍ଡିରେ ମେଗା ରକ୍ତଦାନ ଶିବିର

**ତରଭା, ୧୮।୧୨(ଡି.ଏନ.ଏ.)**

ଆମ ପୋଲିସ ସମିତି ଓ ମୋ ସରକାର ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ସୁବର୍ଣ୍ଣପୁର ଜିଲା ତରଭା ଥାନା କମସରା ଫାଣ୍ଡି ପରିସରରେ ରବିବାର ଆୟୋଜିତ ହୋଇଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଇଆଇସି ସୁବ୍ରତ ପାଣିଗ୍ରାହୀଙ୍କ ସଂଯୋଜନା ଓ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୪୨ ମହିଳାଙ୍କ ସମେତ ମୋଟ ୨୫୯ଜଣ ସ୍ୱେଚ୍ଛା ରକ୍ତଦାନ କରିଥିଲେ। ଶିବିରରେ ୭୧ଜଣ ପ୍ରଥମ ଥର ରକ୍ତଦାନ କରିଥିଲେ। ଓଡିଶା ଡ୍ରାଇଭର ମହାସଂଘ ତରଭା ଶାଖା, ମାହେଶ୍ୱରୀ ସଂଗଠନ, ଚେଞ୍ଜ ୟୋର ମାଇଣ୍ଡ ଆସୋସିଏଶନ, ଭୀମ ଆର୍ମି, ପ୍ରଗତି କ୍ଲବ ସରଗଜ, ଏଫସି କ୍ଲବ କମସରା ସମେତ ଆହୁରି ଅନେକ ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ୱେଚ୍ଛା ରକ୍ତଦାତା ଶିବିରରେ ରକ୍ତଦାନ କରିବା ସହ ସହଯୋଗ ପ୍ରଦାନ କରିଥିଲେ। ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗ, ଡିଏସ୍‌ପି ସତ୍ୟଜିତ ମିଶ୍ର ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଥାନା ଏସଆଇ ଯଯାତି କେଶରୀ ସାହୁ, ଏଏସଆଇ ନିମାଇଁ ଚରଣ ବାରିକ, ଏଏସଆଇ ନିରୂପମା ସ୍ୱାଇଁ ସହଯୋଗ କରିଥିଲେ। ଏହି ଶିବିରରୁ ସୋନପୁର ରକ୍ତ ଭଣ୍ଡାର ୭୦ ୟୁନିଟ, ଭୀମସାର ବୁର୍ଲା ୧୦୪ ୟୁନିଟ, ବରଗଡ଼ ରକ୍ତ ଭଣ୍ଡାର ୪୦ୟୁନିଟ ଓ ବଲାଙ୍ଗୀରକୁ ୪୫ୟୁନିଟ ରକ୍ତ ପଠାଯାଇଥିଲା।

# ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ପାଇଁ ପ୍ରସ୍ତୁତି

**ବରଗଡ଼ ଅଫିସ୍,୧୮।୧୨**

ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ଆସନ୍ତା ୨୮ତାରିଖରୁ ଜାନୁୟାରୀ ୭ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜିରା ନଦୀ କୂଳ ନୂତନ ପ୍ରଦର୍ଶନୀ ପଡ଼ିଆରେ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିପାଇଁ ଡଃ ସତ୍ୟନାରାୟଣ ସିଂହସାମନ୍ତଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବହୁ ବୁଦ୍ଧିଜୀବୀ, କଳାକାର, କବି, ଶିକ୍ଷାବିତ୍, ହସ୍ତଶିଳ୍ପ ପ୍ରେମୀ ଏବଂ ଗଣ୍ୟମାନ୍ୟ ଲୋକେ ଯୋଗଦାନ କରିଥିଲେ ।

ଉକ୍ତ ପ୍ରଦର୍ଶନୀରେ କର୍ନାଟକର କାଠକାମ, ମହୀଶୂରର ଧୂପକାଠି, ମୁର୍ଦ୍ଦାବାଦର ପିତ୍ତଳ କାମ, ପଶ୍ଚିମବଙ୍ଗର ଫୁଲ ଏବଂ ଶୀତଳପଟି, ରାଜସ୍ଥାନର ଟାଏ ଆଣ୍ଡ୍ ଡାଏ, ଜୁଏଲାରୀ, ପଞ୍ଜାବର ଜୋତା, ଲକ୍ଷ୍ନୌର ବେଡ୍ କଭର୍, ବେଡ୍‌ସିଟ୍, ବଲାଙ୍ଗୀରର କାରପେଟ୍, ସୋନପୁର ଏବଂ ସମ୍ବଲପୁରର ଶାଢ଼ି, ଟେରାକୋଟା, ଢେଙ୍କାନାଳର ବାଉଁଶ, ଡୋକ୍ରା, କନ୍ଧମାଳର କାଠକାମ, କେନ୍ଦ୍ରାପଡ଼ାର ବେଣାକାମ, ନବରଙ୍ଗପୁରର ଟାଏ ଆଣ୍ଡ୍ ଡାଏ, ଲାଖ କାମ, ପୁରୀର ଚାନ୍ଦୁଆ, କତାକାମ, ତାମିଲନାଡୁର ଚମଡ଼ା କାମ, ଆସାମର ବାଉଁଶ କାମ ଆଦି ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ହେବା ସହିତ ବିକ୍ରି ହେବ ।

ଉକ୍ତ ପ୍ରଦର୍ଶନୀ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ, ବିକାଶ ଆୟୁକ୍ତ(ହସ୍ତଶିଳ୍ପ ବିଭାଗ) ସହାୟତାରେ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଡୋଭ୍ ଅନୁଗୋଳ ଦ୍ୱାରା ଆୟୋଜିତ ହେଉଛି । ହସ୍ତଶିଳ୍ପ ପ୍ରଦର୍ଶନୀର ପ୍ରଥମ ସନ୍ଧ୍ୟାରେ ବରଗଡ଼ ଜିଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଡୋଭ୍‌ର ସମ୍ପାଦକ ଅନୀଲ କୁମାର ମିଶ୍ର ସୂଚନା ଦେଇଛନ୍ତି। ବୈଠକ ଶେଷରେ ଡୋଭ୍‌ର ପୁଞ୍ଜି ପରିଚାଳକ ରବିନ୍ଦ୍ର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ଜାତ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା


ଚତୁର୍ଥ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ।

**ବୌଦ୍ଧ,୧୮।୧୨(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଚାଲିଥିବା ଗଡଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ସମିତି ସଭ୍ୟା କଲ୍ୟାଣୀ ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ହରଭଙ୍ଗା ବ୍ଲକ ଅଧକ୍ଷା ସ୍ନେହଲତା ପ୍ରଧାନ,ସିନେ ନିର୍ଦ୍ଦେଶକ ବନମାଳୀ ରଣା, ଜିଲାପରିଷଦ ସଭ୍ୟା କଳ୍ପନାରାଣୀ ସାହୁ, ତାରାମଣୀ ପ୍ରଧାନ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଥମେ ମା' ଭୈରବୀ ଓ ଜଗନ୍ନାଥଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଛି। ମଞ୍ଚକୁ ବିଜୟ କୁମାର ସାହୁ ଓ ବସନ୍ତ କୁମାର ସାହୁ ପରିଚାଳନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଚଳଚ୍ଚିତ୍ର ଅଭିନେତ୍ରୀ ପ୍ରିୟା ମହାପାତ୍ର ଓ କୃଷ୍ଣପ୍ରିୟା ଛୋଟରାୟଙ୍କ ସୁମଧୁର ଗୀତ , ସ୍ଥାନୀୟ ଶିଶୁ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ , ଲୋକନୃତ୍ୟ ଦର୍ଶକ ଉପଭୋଗ କରିଥିଲେ।

# କଲାପେନ୍ କପ୍ ଫୁଟବଲ: ଜମୁର୍ଡ଼ା ଚାମ୍ପିୟନ

**ବରଗଡ଼ ଅଫିସ୍,୧୮।୧୨**

ବରଗଡ଼ ବ୍ଲକ ଅନ୍ତର୍ଗତ କଲାପାଣି ଫୁଟବଲ ପଡ଼ିଆରେ ଚାଲିଥିବା କଲାପେନ୍ କପ୍ ଫୁଟବଲ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଜମୁର୍ଡ଼ା ଏବଂ ସିମନ ଷ୍ଟାର ଫାଇନାଲକୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ। ଟାଇବ୍ରେକରରେ ଜମୁର୍ଡ଼ା ପ୍ରତିପକ୍ଷ ସିମନ ଷ୍ଟାର୍‌କୁ ୫-୪ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ସିମନ ଷ୍ଟାର ଦଳର ଭୁସ୍କା ଭୁଏ ଶ୍ରେଷ୍ଠ ଡିଫେନ୍ସ ଖେଳାଳି, କୁମର ବାବୁ ଶ୍ରେଷ୍ଠ ଗୋଲ କିପର୍, ଜମୁର୍ଡ଼ା ଦଳର ବିସ୍ମିତ ବାରିକ ମ୍ୟାନ୍ ଅଫ୍ ଦି ଫାଇନାଲ ଏବଂ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ମନୋନିତ ହୋଇଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, କାଉନସିଲର ରୀନା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସରପଞ୍ଚ ପ୍ରତିନିଧି ବିପିନ ପ୍ରଧାନ, ସମିତିସଭ୍ୟ ପ୍ରତିନିଧି ସୋମନାଥ ସାହୁ, ପୂର୍ବତନ ସରପଞ୍ଚ କେ. ଭି. ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ସୁବାଷ କୁଦେଇ, ଅରବିନ୍ଦ ଦାଶ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ଚାମ୍ପିୟନ, ରନର୍ସ ଅପ୍ ଏବଂ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।


ଜଣେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

# ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା

**ଡୁଙ୍ଗୁରିପାଲି, ୧୮।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କୁଦେପଡାସ୍ଥିତ ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ରାମପୁର ତହସିଲଦାର ପୁରୁଷୋତ୍ତମ ମିର୍ଦ୍ଧା ମୁଖ୍ୟ ଅତିଥି, ପରିଚାଳନା ନିର୍ଦ୍ଦେଶକ ତଥା ଏଞ୍ଜେଲ ଏକାଡେମୀ ଉପ ସଭାପତି କୁଳଦୀପ ମୁଣ୍ଡ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧକ୍ଷ ଶିଶୁପାଳ କଲେତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭବାନୀପାଟଣା ସରକାରୀ ଅଟୋନମସ କଲେଜର ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ପ୍ରଫେସର ଶିବ ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ସଭା ପରିଚାଳନା ମୁସ୍କାନ ପାଣିଗ୍ରାହୀ ଓ ଅନନ୍ୟ ଅଦ୍ୱିତୀୟା ପୂଜାରୀ କରିଥିଲେ। ସୁନିତା ମୁଣ୍ଡ ବାର୍ଷିକ ବିବରଣୀ ପଠନ କରିଥିଲେ। ଦୁଇ ଦିନ ଧରି ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦୨୦-୨୧ବର୍ଷରେ ମାଟ୍ରିକ ଟପ୍ପର ଅନେଶ ଅନନ୍ୟ ମେହେର ଓ ୨୦୨୧-୨୨ ବର୍ଷର ଟପ୍ପର ପାଇଥିବା ସିଲ୍‌କୀ ଶିକାତ ଦାସଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

# କମାଣ୍ଡ ଏକାଦଶ ଭୁବନେଶ୍ୱରକୁ ହରାଇ ବ୍ରହ୍ମଗିରି ଫାଇନାଲରେ

### ସପ୍ତମ ରାଜ୍ୟସ୍ତରୀୟ ବଘିଆପଡା କ୍ରିକେଟ ଟୁର୍ନାମେଣ୍ଟ

**ବଘିଆପଡା,୧୮।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା ବଘିଆପଡା ଖେଳପଡିଆଠାରେ ୟୁଥ କ୍ଲବ ଆନୁକୂଲ୍ୟରେ ସପ୍ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଥିଲା ଦ୍ୱିତୀୟ ଦିନ । ଏହି ଅବସରରେ ମୁଖ୍ୟଅତିଥି ଭାବରେ ବଘିଆପଡା ପଞ୍ଚାୟତର ସମିତିସଭ୍ୟ ମୀରା ପାଣିଗିରି, ଯୋଗାଣ ସହାୟକ ଜଗନ୍ନାଥ ପ୍ରଧାନ, ସିଆରସିସି ବିଜୟ ଭୋଇ, ଯୁବ ବ୍ୟବସାୟୀ ପଞ୍ଚାନନ ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚରେ କମାଣ୍ଡ ଏକାଦଶ ଭୁବନେଶ୍ୱର ବନାମ ମେହେର ସୁପରଷ୍ଟାର ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କମାଣ୍ଡ ଏକାଦଶ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୫ ଉଇକେଟ ହରାଇ ୯୧ ରନ କରିଥିଲା। ଏହାର ଜବାବରେ ବୌଦ୍ଧ ଏକାଦଶ ସମସ୍ତ ଉଇକେଟ ହରାଇ ୫୭ ରନ କରି ପରାଜୟ ବରଣ କରିଥିଲା । ଅନ୍ୟ ଏକ ମ୍ୟାଚ ବ୍ରହ୍ମଗିରି ପୁରୀ ବନାମ ବିବିସି ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବୌଦ୍ଧ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୯୨ ରନ କରିଥିଲା। ଏହାର ଜବାବରେ ବ୍ରହ୍ମଗିରି ଦଳ ୭.୨ ଓଭରରେ ୪ ଉଇକେଟ ହରାଇ ବିଜୟୀ ଲାଭ କରିଥିଲା । ଏହାପରେ ଗ୍ରୁପ ବି ର ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସେମି ଫାଇନାଲ ମ୍ୟାଚ କମାଣ୍ଡ ଏକାଦଶ ଓ ବ୍ରହ୍ମଗିରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କମାଣ୍ଡ ଏକାଦଶକୁ ହରାଇ ବ୍ରହ୍ମଗିରି ଦଳ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟର ଭାବେ ଖେଳକୁ ସୁଶାନ୍ତ କୁମାର ସାହୁ, ରାମ ଦଳବେହେରା, ଅଜିତ ପ୍ରଧାନ, ଦେବାଶିଷ ପ୍ରଧାନ ପରିଚାଳନା କରିଥିଲେ। ବୁଦ୍ଧଦେବ ମହାରଣା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ୮ ଗୋଟି ଦଳ ଭାଗ ନେଇଥିବା ବେଳେ ବିଜେତା ଦଳକୁ ଟ୍ରଫି ସହ ୪୦ ହଜାର ଓ ଉପବିଜେତା ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମିଟିର ଅଧକ୍ଷ ସ୍ୱରୂପା ସାହୁ ସୂଚନା ଦେଇଛନ୍ତି। ହୀରାଲାଲ ସାହୁ, ଗଗନ ମହାନ୍ତି , ମିଥୁନ ପାତ୍ର, ସୌମ୍ୟରଞ୍ଜନ ମଲିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ । ସୋମବାର ଦିନ ଟୁର୍ନାମେଣ୍ଟର ଫାଇନାଲ ହେବ।


ଖେଳାଳିମାନେ।

# ମାହେଶ୍ୱରୀ କ୍ରିକେଟ: କନ୍ଧମାଳ ଚାମ୍ପିୟନ

**ତରଭା, ୧୮।୧୨(ଡି ଏନ ଏ.)**

ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ତରଭାଠାରେ ମାହେଶ୍ୱରୀ ସଂଗଠନ ଆନୁକୂଲ୍ୟରେ ଗତ ୧୪ତାରିଖଠାରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦିନ ୨ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲରେ କନ୍ଧମାଳ ବୁର୍ଡିପଦାରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ଦ୍ୱିତୀୟ ସେମିରେ ଭଲିଆପଦର କଳାପଥରକୁ ହରାଇ ଫାଇନାଲ ଯାଇଥିଲା । ଫାଇନାଲ ମ୍ୟାଚରେ କନ୍ଧମାଳ ଓ ଭଲିଆପଦର ମୁହାଁମୁହିଁ ହୋଇଥିଲେ। ଭଲିଆପଦର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୪ଉଇକେଟ ବିନିମୟରେ ୧୦୭ରନ କରିଥିଲା। ଜବାବରେ କନ୍ଧମାଳ ଦଳ ୯ ଓଭରରେ ୫ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ସିରିଜ, ବେଷ୍ଟ ସିକ୍ସର ଭାବେ କନ୍ଧମାଳର ହିମାନ, ବେଷ୍ଟ ବୋଲର ଭଲିଆପଦରର ଅନିଲ, ବେଷ୍ଟ ଫିଲଡର କନ୍ଧମାଳର ପ୍ରଦ୍ୟୁମ୍ନ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବିଶାଲଙ୍କୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ଅବସରପ୍ରାପ୍ତ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ତରଭା ଏନଏସି ଉପନଗରପାଳ ଗଗନ ଅଗ୍ରୱାଲ, ସମ୍ମାନିତ ଅତିଥି ମଧୁସୂଦନ ପାଣ୍ଡେ, ଆକବର ଅଲ୍ଲୀ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ ମଞ୍ଚାସୀନ ରହି ବିଜେତା କନ୍ଧମାଳ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଅର୍ଥ ରାଶି ଓ ଉପବିଜେତା ଭଲିଆପଦରକୁ ଟ୍ରଫି ସହ ୧୦ହଜାର ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ନବାବ ଖାଁ ଓ ଅଭିଷେକ ଝାଙ୍କର ଖେଳ ପରିଚାଳନା କରିଥିଲେ। ସଂଗଠନ ସଭାପତି ପ୍ରଦୀପ ମେହେର, କାହ୍ନା ନାଏକ, ମାନ ସାହୁ, ହିରଣ୍ମୟ ପଟ୍ଟନାଏକ, ସୋମମିଶ୍ର, ମୁନା ସାହୁଙ୍କ ସମେତ ମାହେଶ୍ୱରୀ ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ବିଶ୍ୱକପ ହକି ଉପଲକ୍ଷେ ସାଂସ୍କୃତିକ ପ୍ରତିଯୋଗିତା

ବଡ଼ଗାଁ, ୧୮।୧୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲାର ରାଉରକେଲାରେ ହେବାକୁ ଥିବା ବିଶ୍ୱକପ ହକି ପୂର୍ବରୁ ଜିଲାର ଗାଁ ଗହଳିରେ କ୍ରୀଡା ସହିତ କଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପରିବେଶ ଉତ୍ସବ ମୁଖର ହୋଇଛି। ପ୍ରଶାସନ ଏହାର ସଫଳତା ପାଇଁ ଲାଗିପଡିଛନ୍ତି। ବଡ଼ଗାଁ 'କ' ଜୋନରେ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲାବେଳେ ଶନିବାର ସାହାଜବାହାଲ ଗ୍ରାମରେ 'ଖ'ଜୋନର ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଡ଼ିଓ କ୍ଷମାନିଧି ଭୋଇ, ତହସିଲଦାର ସରୋଜ କୁମାର ପୃଷେଟ, ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, 'ଖ' ଜୋନର ଜିଲା ପରିଷଦ ସଭ୍ୟ ସୋନାଲି ହେସ, ବ୍ଲକ ଉପାଧକ୍ଷା ରଶ୍ମିତା ପଟେଲ, ଆଇନା ପତ୍ରିକାର ସମ୍ପାଦକ କ୍ଷେତ୍ରବାସୀ ସାହୁ, ସ୍ଥାନୀୟ ସରପଞ୍ଚ ସୁକୃତା ବିଶ୍ୱାଳଙ୍କ ସହିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ। ବିଡ଼ିଓ ଭୋଇ ରାଜ୍ୟ ସରକାରଙ୍କ ଏହି ପ୍ରଶଂସନୀୟ ପଦକ୍ଷେପ ଯୋଗୁ କ୍ରୀଡା, କଳା ଓ ସଂସ୍କୃତିର ବିକାଶ ଦିଗରେ ସହାୟକ ହେବ କହିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ତହସିଲଦାର ପୃଷେଟ ଜନସାଧାରଣଙ୍କ ସହଯୋଗ ଓ ଶାନ୍ତିଶୃଙ୍ଖଳାରେ କାର୍ଯ୍ୟକ୍ରମ ସଫଳ ହେଉଥିବାରୁ ଧନ୍ୟବାଦ ଜଣାଇଥିଲେ। ଏହି ସାଂସ୍କୃତିକ ପ୍ରତିଯୋଗିତାରେ ଜିଲା ସଂସ୍କୃତି ବିଭାଗର ଉପସଭାପତି ଫକିରଚରଣ ବାଡ଼ା, ଗାଳ୍ପିକ ହୃଦାନନ୍ଦ ପଟେଲ, ନିଖିଳ ପାଲା ପରିଷଦର ମାର୍ଗଦର୍ଶକ ପ୍ରତାପ ବେଜି, ପାଲା କଳାକାର ଗକୁଳାନନ୍ଦ ବାରିକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଦାଣ୍ଡଜମରା ଗ୍ରାମର ସତ୍ୟନାରାୟଣ ପାଲା ପାର୍ଟିର ପ୍ରଫୁଲ୍ଲ କୁମାର୍ ନାଏକ, ରେଙ୍ଗାଲମାଲ ଗ୍ରାମର ଶ୍ରୀଶ୍ରୀ ସତ୍ୟନାରାୟଣ ପାଲା ପାର୍ଟିର ନରେନ୍ଦ୍ର ବାରିକ, ଓମ ମା' ସଙ୍କୀର୍ତ୍ତନ ମଣ୍ଡଳୀର ଅଗ୍ନିଧର ରାଉତଙ୍କ ଦଳ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଏହି ସାଂସ୍କୃତିକ ପ୍ରତିଯୋଗିତାରେ 'ଖ' ଜୋନର ଆଠଟି ପଞ୍ଚାୟତ ର ୩୦ ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ପଞ୍ଚାୟତସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶେଷ ହୋଇଥିଲାବେଳେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ।

### ସୁନ୍ଦରଗଡ଼ ଜିଲା ଜେଲ୍ ପରିସରରେ ମ୍ୟାଜିକ ଦେଖିଲେ ଅନ୍ତେବାସୀ

ସୁନ୍ଦରଗଡ଼,୧୮।୧୨(ଡି.ଏନ୍.ଏ.): ରବିବାର ଅପରାହ୍ନ ୪ଟାରୁ ୫ ଟା ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା ଜେଲ ପରିସରରେ ଅନ୍ତେବାସୀ ମ୍ୟାଜିକ ଦେଖିଲେ। ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଦର୍ଲିପାଲି ଗ୍ରାମର ଯାଦୁଗର ସୁନିଲ କୁମାର ପଟେଲଙ୍କ ମ୍ୟାଜିକ ଶୋ ଜେଲ ଅନ୍ତେବାସୀ ଦେଖି ବେଶ୍ ଖୁସି ଅନୁଭବ କରିଥିଲେ। ପଟେଲ ଏହା ଆଗରୁ ବିଭିନ୍ନ ସ୍କୁଲ, କଲେଜ ତଥା ଅନୁଷ୍ଠାନଗୁଡିକରେ ମେଜିକ ଶୋ ଦେଖାଇ ଲୋକମାନଙ୍କୁ ଆକର୍ଷଣ କରିପାରିଛନ୍ତି। ଜେଲ୍ ଅଧକ୍ଷ ନିରାକାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଅନ୍ତେବାସୀଙ୍କ ସହ ସମସ୍ତ କର୍ମଚାରୀ ମ୍ୟାଜିକ ଶୋ ଦେଖିଥିଲେ। ଶେଷରେ ପାଢୀ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

# ନାଟକ ଜହର, ପୁରସ୍କାର, ବୀରାଙ୍ଗନା ପୁରସ୍କୃତ

## ଶିଶୁ ଅଧିକାର ପାଇଁ ଶିଶୁ ନାଟକ ଉତ୍ସବ



ଶିଶୁମାନଙ୍କ ପାଇଁ ନାଟକ ଉତ୍ସବରେ ଏକ ନାଟକର ଦୃଶ୍ୟ

ଦେବଗଡ଼, ୧୮।୧୨ (ଡି.ଏନ୍.ଏ.)

ଅଧିକାର ଦାବିକୁ ସୃଜନାତ୍ମକ ଢଙ୍ଗରେ ଉପସ୍ଥାପିତ କରିବା, ଶିଶୁ ସୁରକ୍ଷା ଅଧିନିୟମ ଓ ଯୋଜନା ସମ୍ପର୍କରେ ସଚେତନତା ବାର୍ତ୍ତା ଦେବା ପାଇଁ ଦେବଗଡ଼ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଶିଶୁମାନଙ୍କ ପାଇଁ ଏକ ନାଟକ ଉତ୍ସବ ୨ ଦିନ ଧରି ସ୍ଥାନୀୟ ଟାଉନହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ବିଷୟ ଯଥା ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଯୌନ ନିର୍ଯ୍ୟାତନା, ପୋଷ୍ୟ ସନ୍ତାନ ଗ୍ରହଣ, ବେଟି ବଚାଓ ବେଟି ପଢ଼ାଓ, କନ୍ୟାଭ୍ରୁଣ ହତ୍ୟା ଆଦି ଉପରେ ଆଧାରିତ ୧୪ଟି ନାଟକ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକ ଉତ୍ସବକୁ ଜିଲାପାଳ ସୋମେଷ ଉପାଧ୍ୟାୟ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥୀ, ଅତୁଲ୍ୟ ପୂଜାରୀ, ଅଭିନେତା ମନୋଜ ପାଢୀ, ଦିଲୀପ ଗୁରୁ ଓ ଲେଖକ କୁମୁଦଚନ୍ଦ୍ର ଶତପଥୀ ଯୋଗଦେଇଥିଲେ। ପ୍ରଥମ ଶ୍ରେଷ୍ଠ ନାଟକ ଭାବେ ରିଆମାଳର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନାଟକ ଜହର, ଦ୍ୱିତୀୟ ଶ୍ରେଷ୍ଠ ଓ ତୃତୀୟ ଶ୍ରେଷ୍ଠ ନାଟକ ଭାବେ ଯଥାକ୍ରମେ ସୁଭ୍ରଜ୍ୟୋତି ଆବାସିକ ବିଦ୍ୟାଳୟର ନାଟକ 'ପୁରସ୍କାର' ଓ ବାଲଭାରତୀ ଇଂରାଜୀ ବିଦ୍ୟାଳୟର ନାଟକ 'ବୀରାଙ୍ଗନା' ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ, ଲେଖକ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ 'ଜହର' ନାଟକ ପାଇଁ ସୁଶାନ୍ତ ମହାରଣା, ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଲେଖକ ଭାବେ 'ପୁରସ୍କାର' ନାଟକ ପାଇଁ ଦିନେଶ ବାଗ ତଥା ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଲେଖକ ଭାବେ ନାଟକ 'ଭଏସ ଆଗ୍ନେଷ୍ଟ ଓମେନ ଭାଉଲେନ୍ସ' ପାଇଁ ଅନିତ ବରାଇ ପୁରସ୍କୃତ ହୋଇଥିଲେ। ଦ୍ୱିତୀୟ ଶ୍ରେଷ୍ଠ ସଙ୍ଗୀତ ପାଇଁ ନାଟକ ବୀରାଙ୍ଗନାର ମୁସ୍କାନ ପରବୀନ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଅଭିନେତା ଭାବେ ନାଟକ 'ଜହର' ପାଇଁ ନମିତା ତଣ୍ଡ ଓ ନାଟକ ଭଏସ ଆଗ୍ନେଷ୍ଟ ଓମେନ ଭାଉଲେନ୍ସ ପାଇଁ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା ଭାବେ ମୁସ୍କନ ଯାଦବ, ଶ୍ରେଷ୍ଠ ଅଭିନେତ୍ରୀ ଭାବେ ନାଟକ ପୁରସ୍କାର ପାଇଁ ପୁଷ୍ପାଞ୍ଜଳି ସାହୁ, ଭଏସ ଆଗ୍ନେଷ୍ଟ ଓମେନ ଭାଉଲେନ୍ସ ପାଇଁ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ପାଇଥିଲେ ସନ୍ତୋସିନୀ ମହାକୁଳ। ଡିଭାଇନ ପବ୍ଲିକ ସ୍କୁଲ ଓ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟକୁ ଜୁରୀ ଏୱାର୍ଡ ମିଳିଥିବା ବେଳେ ଜୱାହର ନବୋଦୟ ବିଦ୍ୟାଳୟକୁ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁରକ୍ଷା ଅଧିକାରୀ ଚିନ୍ମୟ ସାଇଁ, ୟୁନିସେଫ୍ ଜିଲା ସଂଯୋଜକ ପୀତବାସ ବେହେରା, ଚାଇଲ୍ଡଲାଇନର ଉପେନ୍ଦ୍ର ଭଞ୍ଜ, ପ୍ରେମାନନ୍ଦ ମାଝି, ଟିକେଶ୍ୱର ଗୁରୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୮ ପଞ୍ଚାୟତବାସୀଙ୍କ ମିଳିତ ବୈଠକ


ମିଳିତ ବୈଠକରେ ଉପସ୍ଥିତ ୮ ପଞ୍ଚାୟତର ଜନସାଧାରଣ।

## ଗୋହିରାଡ୍ୟାମର ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟନୀସ୍ଥଳୀ ମାନ୍ୟତା ଦାବି

ଦେବଗଡ଼,୧୮।୧୨(ଡି.ଏନ୍.ଏ.)

ଗୋହିରା ଡ୍ୟାମ ଆଞ୍ଚଳିକ ନାଗରିକ ମଞ୍ଚ ପକ୍ଷରୁ ଗୋହିରା ଡ୍ୟାମର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦାବି ହୋଇଛି। ରବିବାର ତିଳେଇବଣି ବ୍ଲକ ଅନ୍ତର୍ଗତ ୮ଟି ପଞ୍ଚାୟତର ଜନସାଧାରଣଙ୍କ ମିଳିତ ବୈଠକ ଡ୍ୟାମ ସାଇଟ ପଡିଆରେ ଅନୁଷ୍ଠିତ ହୋଇଛି। କଂସର ପଞ୍ଚାୟତ ଅନ୍ତର୍ଗତ ହେଟଖମାର ଅଞ୍ଚଳର ସମାଜସେବୀ ଦିଲ୍ଲୀପ ନାୟକଙ୍କ ଆବାହକତ୍ୱ ଏବଂ ଦୁଧିଆନାଳୀ ସରପଞ୍ଚ ଉଦିତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ମିଳିତ ବୈଠକରେ କଂସର, ଦୁଧିଆନାଳୀ, ଢୋଲପଡା, ପାଲକୁଦର, କେନ୍ଦେଇଝୁରୀ, ତାଲକୁଣ୍ଡି, ଆଡଶ ଓ ସୋଡ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି, ସମାଜସେବୀ ଓ ବୁଦ୍ଧିଜୀବୀ ଏକତ୍ରିତ ହୋଇ ତିଳେଇବଣି ବ୍ଲକରେ ଥିବା ପର୍ଯ୍ୟଟନୀସ୍ଥଳ ଗୁଡିକର ଉନ୍ନତିକରଣ କରାଯିବା ସହ ଗୋହିରା ଡ୍ୟାମର ସୌନ୍ଦର୍ଯ୍ୟକରଣ ପାଇଁ ସରକାରଙ୍କଠାରେ ଦାବି କରିଛନ୍ତି। ଉପରୋକ୍ତ ପଞ୍ଚାୟତଗୁଡିକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଥିବାବେଳେ ସରକାରୀସ୍ତରରେ ଅଞ୍ଚଳର ପର୍ଯ୍ୟଟନର ବିକାଶ ପାଇଁ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ଦିଆଗଲେ ଆର୍ଥିକ ବିକାଶ ହେବ। ବେକାର ଯୁବକଙ୍କ ପାଇଁ କର୍ମ ସଂସ୍ଥାନ ଯୋଗାଇବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା। ୮ପଞ୍ଚାୟତ ଜନସାଧାରଣଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି।

# ସେଲ୍‌ଫି ହେଲା କାଳ, ଇବ୍ ନଦୀରେ ଖସି ଯୁବକ ନିଖୋଜ

ସୁନ୍ଦରଗଡ଼,୧୮।୧୨(ଡି.ଏନ୍.ଏ.)

ସେଲ୍‌ଫି ହେଲା କାଳ। ରବିବାର ସୁନ୍ଦରଗଡ଼ ଜିଲା ତଳସରା ଥାନା ଇବ୍ ନଦୀର କନାକୁଣ୍ଡ ଘାଟରେ ଘଟିଛି ଆଉ ଏକ ଅଘଟଣ। ରାଉରକେଲା ସେକ୍ଟର-୧୫ରୁ ଏଠାକୁ ୪ ଯୁବକ ପିକ୍‌ନିକ୍ କରିବାକୁ ଆସିଥିଲେ। ପଥର ଉପରେ ଛିଡା ହୋଇ ସେଲ୍‌ଫି ନେଉଥିବାବେଳେ ଏମାନଙ୍କ ମଧ୍ୟରୁ ସୋମେଶ ମଲ୍ଲିକ ନାମକ ଜଣେ ଯୁବକଙ୍କ ଗୋଡ ଖସିଯିବାରୁ ପାଣିରେ ପଡ଼ିଯାଇଥିଲେ। ଏହା ପରେ ୩ ସାଙ୍ଗ, ପିକ୍‌ନିକ ପାଇଁ ଆସିଥିବା ଅନ୍ୟ ପର୍ଯ୍ୟଟକ ପାଣିରେ ଖୋଜାଖୋଜି କରିଥିଲେ ମଧ ସୋମେଶଙ୍କ କୌଣସି ସନ୍ଧାନ ମିଳି ନାହିଁ। ଖବରପାଇ ଅଗ୍ନିଶମ ବାହିନୀ କର୍ମଚାରୀମାନେ ମଧ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଚଳାଇଥିଲେ ମଧ ସନ୍ଧ୍ୟା ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନାହିଁ। ନିଖୋଜ ଯୁବକଙ୍କ ବୟସ ୨୪/୨୫ ବର୍ଷ ହେବ। ପୂର୍ବରୁ ଏହି ସ୍ଥାନରେ ସେଲଫି ନେବାବେଳେ ୨ଜଣଙ୍କ ଜୀବନ ଯାଇଛି।

## ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର କମିଟି ଗଠନ

କୁତ୍ରା, ୧୮।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଡୁନମୁରା ସରଗୁ କିଷାନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘର ବ୍ଲକସ୍ତରୀୟ ବୈଠକ ସହିତ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ସଂଘର ନୂତନ ସଭାପତି ଭାବରେ ଅମରେଶ ସାହୁ, ଉପସଭାପତି ସୁନିତା ସରୋନିଆ, ସମ୍ପାଦକ ଜନାର୍ଦ୍ଦନ ବଢ଼େଇ, ସହସମ୍ପାଦକ ଡିଲେଶ୍ୱର ବେହେରା, କୋଷାଧକ୍ଷ ଟିକଚାନ୍ଦ ସିଂ, ମିଡିଆ ଯୋଗାଯୋଗ ଭାବରେ ରାଧାନାଥ ଦିଶ୍ରୀଙ୍କୁ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବରେ ନଳିନୀକାନ୍ତ ଶାସନୀ ଓ ସଂଯୋଜକ ଭାବେ ମମତା ଶତପଥିଙ୍କୁ ଚୟନ କରାଯାଇଛି। ଆଗାମୀ ଦିନରେ ଏହି ସଙ୍ଗଠନ ବ୍ଲକରେ ଏକ ସୁଦୃଢ ସଙ୍ଗଠନ ହୋଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମସ୍ତ ପ୍ରକାର ସମସ୍ୟାର ସମାଧାନ ଦିଗରେ ଚେଷ୍ଟିତ ରହିବ ବୋଲି ସଭାପତି ଅମରେଶ ପ୍ରକାଶ କରିଥିଲେ। ଶେଷରେ ଉପସଭାପତି ସୁନିତା ସରୋନିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀକାନ୍ତ ବାଗ, ରୀଙ୍କୁ ଭୋଇ, ଉମାଶଙ୍କର ମଲ୍ଲିକ, ରୋମାଞ୍ଚ ତାଣ୍ଡିଆ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟ୍ରକ୍ ଧକ୍କାରେ ଏକାଧିକ ଗାଡ଼ି ଚୂରମାର


ଦୁର୍ଘଟଣାରେ ଭାଙ୍ଗିଯାଇଥିବା ବାଇକ୍।

**ସିରିଜ୍ ଦୁର୍ଘଟଣା**

କୁତ୍ରା, ୧୮।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ ଉପରେ ରବିବାର ସିରିଜ୍ ଦୁର୍ଘଟଣା ଘଟିଛି। ମଧ୍ୟାହ୍ନ ପ୍ରାୟ ୧୨ଟା୩୦ରେ ଏକ ଟ୍ରକ୍ ଧକ୍କାରେ ଏକାଧିକ ବାଇକ୍ ଓ ବସ୍ ଚୂରମାର ହୋଇଯାଇଛି। ରବିବାର କୁତ୍ରାର ସାପ୍ତାହିକ ହାଟପାଳି ଥିବା ସହିତ ବଡ଼ଦିନ ପର୍ବ ଉପଲକ୍ଷେ ରାଜ୍ୟ ରାଜପଥରେ ଗହଳି ଲାଗିରହିଥିଲା। ରାସ୍ତାକଡ଼ରେ ଅନେକ ବାଇକ୍, ସ୍କୁଟି ଛିଡ଼ା ହୋଇଥିଲା। ତେବେ ହଠାତ ରାଉରକେଲା ପଟରୁ ଏକ ଟ୍ରକ୍ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ରାସ୍ତାରେ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଇଥିଲା। ପରେ ରାସ୍ତାକଡ଼ରେ ଛିଡା ହୋଇଥିବା ୫ ବାଇକ୍ ଓ ସ୍କୁଟିକୁ ଧକ୍କା ଦେଇଥିଲା। ଏଥିରେ ସମସ୍ତ ଗାଡ଼ି ଚୂରମାର ହୋଇଯାଇଛି। ସେଠାରେ ଛିଡା ହୋଇଥିବା ଲୋକେ ଟ୍ରକ୍‌କୁ ଦେଖି ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। କୁତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଟ୍ରକ ଚାଳକ ଓ ହେଲପରଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ପଠାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ନାଟ୍ୟକାର, ସିନେ ନିର୍ଦ୍ଦେଶକଙ୍କ ପରଲୋକ


ପ୍ରଦୀପ ଭୋଳ

ସୁନ୍ଦରଗଡ଼,୧୮।୧୨(ଡି.ଏନ୍.ଏ.)

ନାଟ୍ୟକାର ତଥା ଓଡ଼ିଆ ସିନେ ନିର୍ଦ୍ଦେଶକ ପ୍ରଦୀପ ଭୋଳଙ୍କ ରବିବାର ସକାଳେ ହୃଦଘାତରେ ପରଲୋକ ଘଟିଛି। ତାଙ୍କୁ ୫୯ ବର୍ଷ ବୟସ ହୋଇଥିଲା। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ଭୋଳ ଓଡ଼ିଆ ନାଟ୍ୟ ଓ ସିନେ ଜଗତର ଜଣେ ଜଣାଶୁଣା ନାଁ। ଅନେକ ଓଡ଼ିଆ ଓ ସମ୍ବଲପୁରୀ ମଞ୍ଚ ନାଟକର ନିର୍ଦ୍ଦେଶନା ଦେଇଥିଲେ। ଓଡ଼ିଆ ଚଳଚ୍ଚିତ୍ର 'ସୁନା ଶଙ୍ଖାଳି', 'ପବିତ୍ର ବନ୍ଧନ' ତାଙ୍କୁ ଜଣେ ସଫଳ ନିର୍ଦ୍ଦେଶକ ଭାବରେ ପରିଚୟ ଦେଇଥିଲା। ତାଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ଚିନି' ରାଜ୍ୟ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲା। ତାଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ମଞ୍ଚ ନାଟକ 'ମାଉ' ଲିମ୍ କା ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ତାଙ୍କର ଆଉ ଏକ ନାଟକ 'ଭାବ' ଚଳିତ ଶେଷ ସପ୍ତାହରେ ପରିବେଷିତ ହେବାର ଥିଲା। ପରଲୋକ ଖବର ପାଇ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ସମେତ ବହୁ ନାଟ୍ୟ ଓ ସିନେ ପ୍ରେମୀ, କଳାକାର, ମାନ୍ୟଗଣ୍ୟ ବ୍ୟକ୍ତି ସୁନ୍ଦରଗଡ଼ ଡାକ୍ତରଖାନା ଓ ମହାନ୍ତିପଡାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କରି ବିୟୋଗରେ ନାଟ୍ୟପ୍ରେମୀ, କଳାକାର, ସାଧାରଣରେ ଗଭୀର ଶୋକ ପ୍ରକାଶ ପାଇଛି। ଅପରାହ୍ନରେ ସ୍ଥାନୀୟ ଇବ୍ ନଦୀ କୂଳ ରାଣୀବଗିଚା ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଛି।

# ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

କୁଆଁରମୁଣ୍ଡା,୧୮।୧୨(ଡି.ଏନ୍.ଏ.)

ଶିଶୁ ମନ୍ଦିରରେ ଗୁରୁକୂଳ ପରମ୍ପରାରେ ସଂସ୍କୃତି ଓ ନୈତିକମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ କରାଯାଇଥାଏ। ଯଦ୍ଦ୍ୱାରା ଶିଶୁ ଏହି ଶିକ୍ଷାଲାଭ କରି ଜଣେ ଉତ୍ତମ ସଂସ୍କୃତିସମ୍ପନ୍ନ ମଣିଷ ହୋଇଥାଏ ବୋଲି ରବିବାର କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୭ତମ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ମୁଖ୍ୟବକ୍ତା ଭାବେ ରାଉରକେଲା ମ୍ୟୁନିସପାଲ କଲେଜର ପ୍ରାଧ୍ୟାପକ ଡ. ସନାତନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶିଶୁ ମନ୍ଦିରର ସଭାପତି ସଞ୍ଜୀବ ପ୍ରତାପ ସିଂ ଦେଓ ସଭା ପରିଚାଳନା କରିଥିଲେ। ସମ୍ପାଦକ ଗୌରାଙ୍ଗଚରଣ ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଦେବା ସହ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନ ଆଚାର୍ଯ୍ୟ ଜନ୍ମେଜୟ ସୁଆର। ସେହିପରି ବାର୍ଷିକ କ୍ରୀଡା ପ୍ରତିଯୋଗିତା ସମ୍ପର୍କରେ ଆଚାର୍ଯ୍ୟ ବିଦ୍ୟାଧର ବିଶ୍ୱାଳ ବିବରଣୀ ପାଠ କରିଥିଲେ। କୃତୀପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ, ଗୀତ, ଏକକ ଅଭିନୟ ଇତ୍ୟାଦି ପରିବେଷଣ କରାଯାଇଥିଲା। ଶିଶୁ ମନ୍ଦିର କୋଷାଧ୍ୟକ୍ଷ ଘନଶ୍ୟାମ ଦେବତା, ପୂର୍ବତନ ପରିଚାଳନା ସମିତି ସଭାପତି ଶୈଳେଶ୍ ତିୱାରୀ, ଶଙ୍କର ପୂଝାରୀ, ଜୀବନ ଦାଶ, ଦିଲ୍ଲୀପ ପଟେଲ, ହଳପାଣି ମାଝୀ ପ୍ରମୁଖଙ୍କ ସହ ଗୁରୁଜୀଗୁରୁମା ଉପସ୍ଥିତ ରହିଥିଲେ।

# ଲେଫ୍ରିପଡ଼ା ଲ୍ୟାମ୍ପସର ବାର୍ଷିକ ସାଧାରଣ ବୈଠକ

ଲେଫ୍ରିପଡ଼ା,୧୮।୧୨(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଲ୍ୟାମ୍ପସର ଗୋଦାମଗୃହଠାରେ ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ କୌତୁକ ଚୌଧୁରୀ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ପଟେଲ ଉପସ୍ଥିତ ଚାଷୀଙ୍କୁ ସ୍ୱାଗତ ଜଣାଇ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ପ୍ରଥମେ ପୂର୍ବ ବାର୍ଷିକ ସାଧାରଣ ବୈଠକର ବିବରଣୀ ପଠନ କରାଯାଇ ୨୦୨୩-୨୪ଆର୍ଥିକ ବର୍ଷ ପାଇଁ ସମିତିର ବାର୍ଷିକ କାର୍ଯ୍ୟ ଖସଡ଼ା ବିଷୟରେ ଆଲୋଚନା କରି ଅନୁମୋଦନ କରାଯାଇଥିଲା। ଏତଦ୍ ବ୍ୟତୀତ ଲ୍ୟାମ୍ପସର ୨୦୨୨-୨୩ ଆର୍ଥିକ ବର୍ଷର ଜମା, ଖର୍ଚ୍ଚ ଏବଂ ଅତିରିକ୍ତ ବଜେଟର ଉପସ୍ଥାପନ କରି ବୈଠକରେ ଅନୁମୋଦନ ଏବଂ ଗତ ୨୦୨୦-୨୧ ଆର୍ଥିକ ବର୍ଷର ଅଡିଟ ରିପୋର୍ଟ ପଠନ କରି ଏହାର ତ୍ରୁଟି ସଂଶୋଧନ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତ ଖରିଫ ଧାନମଣ୍ଡି ଖୋଲିବା ଉପରେ ଆଲୋଚନା କରାଯାଇଥିଲା। ଧାନମଣ୍ଡିର ବିଧିବ୍ୟବସ୍ଥା ଉପରେ ପରିଚାଳନା ନିର୍ଦ୍ଦେଶକ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଧାନମଣ୍ଡିକୁ ସରକାରଙ୍କ ନିୟମାନୁଯାୟୀ ଏଫ୍‌ଏକ୍ୟୁ ମାନର ଧାନ ଆଣି ଶାନ୍ତିଶୃଙ୍ଖଳା ବଜାୟ ରଖି ଧାନ ସଂଗ୍ରହ ଦିଗରେ ଚାଷୀଙ୍କ ସହଯୋଗ ଲୋଡିଥିଲେ। ଶେଷରେ ବରିଷ୍ଠ ଚାଷୀ ଜୟମଙ୍ଗଲ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସର୍ଗିପାଲି ବ୍ୟାଙ୍କର ଶାଖା ପରିଚାଳକ ରୋହିତ କୁମାର ପଟେଲ, ଲ୍ୟାମ୍ପସର ପରିଚାଳନା ପରିଷଦ ସଦସ୍ୟଙ୍କ ସମେତ ଅଞ୍ଚଳର ଚାଷୀମାନେ ବୈଠକରେ ଉପସ୍ଥିତ ରହିଥିଲେ।


ଲେଫ୍ରିପଡ଼ା ଲ୍ୟାମ୍ପସର ବାର୍ଷିକ ସାଧାରଣ ବୈଠକରେ ଉପସ୍ଥିତ ଚାଷୀ।

# ଲହୁଣୀପଡ଼ା ଫୁଟବଲ ଦଳ ବିଜୟୀ


ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳି।

## ବ୍ଲକସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଲହୁଣୀପଡା,୧୮।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବଡ଼ପୁରୁଣାପାଣିସ୍ଥିତ ଖେଳ ପଡ଼ିଆଠାରେ ରବିବାର ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱକପ ହକି ପ୍ରତିଯୋଗିତା ଉପଲକ୍ଷେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଖେଳରେ ଲହୁଣୀପଡା ଫୁଟବଲ ଦଳ ୪-୦ ଗୋଲରେ ମହୁଲପଦା ଦଳକୁ ହରାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା ଯୋଗଦେଇଥିଲେ। ବିଡ଼ିଓ ଧାନାଇଚରଣ ଟୁଡୁଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବଡପୁରୁଣାପାଣି ସରପଞ୍ଚ ଟାଙ୍ଗ ଓରାମ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥି ମାନଙ୍କୁ ପାରମ୍ପାରିକ ବାଦ୍ୟ ନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନିଆଯାଇଥିଲା। ବିଶ୍ୱକପ ହକି ଆୟୋଜନ ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ୨୦୨୩ ପୁରୁଷ ହକି ବିଶ୍ୱକପ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଏବଂ ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଆୟୋଜକ ହେବାକୁ ଯାଉଛି। ତେଣୁ ଓଡିଶା ସରକାର ଏହାକୁ ଆହୁରି ଉତ୍କୃଷ୍ଟ କରିବା ନିମନ୍ତେ ଜିଲା ସ୍ତରୀୟ ଫୁଟବଲ ଖେଳର ଆୟୋଜକ କରିଛନ୍ତି ବୋଲି ବକ୍ତବ୍ୟ ମାଧମରେ ଅତିଥିମାନେ ସୂଚନା ଦେଇଥିଲେ। ଶେଷରେ ବଡ଼ ପୁରୁଣାପାଣି ସମିତି ସଭ୍ୟ ସୁଶାନ୍ତ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ, ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ଶଙ୍ଖପୋଷ ସରପଞ୍ଚ ପ୍ରେମନାଥ ମୁଣ୍ଡା, ସିଂରାୟ ମୁଣ୍ଡା, ସୁମିତ୍ରା ଚାରଡ଼ିଆ, ଶାନ୍ତି ଓରାମ, ବିଜୟ ସିଂ ମୁଣ୍ଡା, ରାଜାମୁଣ୍ଡା ସମିତି ସଭ୍ୟ ଅଶୋକ ବେହେରା ପ୍ରମୁଖଙ୍କ ସମେତ ବ୍ଲକ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ**

ପାଟଣାଗଡ଼,(ଡି.ଏନ.ଏ.): ପାଟଣାଗଡ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡଶ ପାଳିତ ହୋଇଯାଇଛି। ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାପତି ସାରଙ୍ଗଧର ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସାମାଜିକ ସମରସତା ବିଭାଗ ପଶ୍ଚିମ ପ୍ରାନ୍ତ ସଂଯୋଜକ ଘନଶ୍ୟାମ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଓଁକାରନାଥ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ପାଦକ ଡମ୍ବରୁଧର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏ. ମେହେର ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାବାଳିକା ବଳାତ୍କାର ଅଭିଯୋଗ

**ଅଭିଯୁକ୍ତ, ୨ସହଯୋଗୀ ଗିରଫ**

ପାଟଣାଗଡ,୧୮।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଝୁଲେନବର ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ପାଟଣାଗଡ ବଡପଡାର ରାଜା ମାଝି ଓ ତାଙ୍କୁ ସହଯୋଗ କରିଥିବା ବିକାଶ କଡୁଲ ଏବଂ ଶିବ ତାଣ୍ଡିଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ ୧୭ବର୍ଷୀୟା ନାବାଳିକାଙ୍କୁ ରାଜା ପ୍ରେମ କରୁଥିଲେ। କଥାରେ ଭୁଲାଇ ତାକୁ ନିକଟସ୍ଥ ପାହାଡକୁ ନେଇ ବଳାତ୍କାର କରିଥିଲେ। ଏଥିରେ ତାଙ୍କୁ ୨ ସାଙ୍ଗ ବିକାଶ ଏବଂ ଶିବ ସହଯୋଗ କରିଥିଲେ। ପୀଡିତା ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପୀଡିତାଙ୍କ ବାପା ପାଟଣାଗଡ ଥାନାରେ ଶନିବାର ଅଭିଯୋଗ କରିଥିଲେ। ଦଫା ୩୭୬ (୨), ୩୪ ଆଇପିସି, ୬ ପୋକ୍‌ସୋ ଆକ୍ଟରେ ଏକ ମାମମଲା(୨୪୩/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପାଟଣାଗଡ ଥାନା ଆଇଆଇସି ଅନନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ୩ ଅଭିଯୁକ୍ତ ଓ ପୀଡିତାଙ୍କର ପାଟଣାଗଡ ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଥିଲା।

### ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ଖପ୍ରାଖୋଲ,୧୮।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ବିଜେଡିର ପଟଣାଗଡ଼ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ବ୍ଲକ ବିଜେଡି ସଭାପତି ରମେଶ ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ପଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗ ଦେଇଥିଲେ। ପଟଣାଗଡ଼ ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, ପଟଣାଗଡ଼ ପଞ୍ଚାୟତ ସମିତି ଅଧକ୍ଷ ନୀଳକାନ୍ତ ବାଗ, ବେଲପଡ଼ା ପଞ୍ଚାୟତ ସମିତି ଅଧକ୍ଷା ଟିନା କୁମ୍ଭାର, ଉପାଧକ୍ଷ ଦୁର୍ଯ୍ୟୋଧନ କୁମ୍ଭାର, ଖପ୍ରାଖୋଲ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ, ଉପାଧକ୍ଷ ସୁଖୀରାମ ଶାଣ୍ଡ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳର ରଣ କୌଶଳ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରକୃତି ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ପାଇଁ ବିଧାୟକ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ପଟଣାଗଡ଼ ଏନଏସି ଉପାଧକ୍ଷ ପ୍ରଫୁଲ ମେହେର, ନାରୀନେତ୍ରୀ ଭାରତୀ ମେହେର, ଯୁବ ନେତା ପ୍ରଦୀପ ବେହେରା, ଇନ୍ଦ୍ରମଣି ସାହୁ, ଗୋବିନ୍ଦ ବାରିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କର୍ମୀ ସମ୍ମିଳନୀକୁ ବିଧାୟକ ଦଳୀୟ କର୍ମୀଙ୍କ ସହ ଯାଉଛନ୍ତି।

# ଜାତିଆଣ ଆକ୍ଷେପ, ଥାନା ଘେରିଲେ

ଲୋଇସିଂହା,୧୮।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଇଂସା ଗ୍ରାମରେ ଜାତିଆଣ ଆକ୍ଷେପ ଘଟଣାରେ ଅଭିଯୁକ୍ତଙ୍କଗିରଫ ଦାବିରେ ଦଳିତ ବର୍ଗର ଲୋକେ ରବିବାର ଥାନା ଘେରାଉ କରିଥିଲେ। ଏହି ଅବସରରେ ଲୋଇସିଂହା ଥାନା ଅଧିକାରୀଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଲିବେରାଲ ଡିମୋକ୍ରେଟିକ ଆସୋସିଏଶନ ନେତୃତ୍ୱରେ ଭୀମ ଆର୍ମି, ବିଏସ୍‌ପି ଓ ଆମ୍ବେଡକର ସେନା ନେତୃତ୍ୱରେ ଆଦିବାସୀ ଭବନରୁ ଲୋଇସିଂହା ଥାନା ପର୍ଯ୍ୟନ୍ତ ଏକ ରାଲି ଯାଇଥିଲା। ଲବ ସୁନା, ଲାଲମନ ନାଗ, ଦୈତାରୀ ନନ୍ଦ, ସୁରେଶ ନାଗଙ୍କ ନେତୃତ୍ୱରେ ଥାନା ଘେରାଉ କରିବା ସହ ଏକ ପ୍ରତିବାଦ ସଭା କରାଯାଇଥିଲା। ସଭାରେ ସ୍ଥାନୀୟ ପୋଲିସର ନୀରବତାକୁ ନେଇ କଟୁ ସମାଲୋଚନା କରିଥିଲେ ଦଳିତ ନେତାମାନେ। ଉଲ୍ଲେଖଯୋଗ୍ୟ ଯେ, ୬ ଡିସେମ୍ବରରେ ଇଂସା ଗ୍ରାମର ଏକ ସେଲୁନରେ ଦଳିତ ବର୍ଗର କେତେଜଣ ଯୁବକଙ୍କୁ ଜାତିଆଣ ଆକ୍ଷେପ କରି ବ୍ରୁଟି କାଟିବାକୁ ମନା କରି ଦିଆଯାଇଥିଲା। କାହ୍ନା ସୁନା ନାମକ ଜଣେ ଯୁବକ ଏ ନେଇ ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା(୪୧୮/୨୨) ରୁଜୁ ହୋଇଛି।



ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସୁବ୍ରତ ସିନିୟର, ନୀକିତା ଜୁନିୟର ଚାମ୍ପିୟନ

**ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡା**

ଲୋଇସିଂହା,୧୮।୧୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଷ୍ଟାଡିୟମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିନିୟରରେ ସୁବ୍ରତ ମଟାରୀ ଓ ଜୁନିୟରରେ ନୀକିତା ବିଶ୍ୱାଳ ଚାମ୍ପିୟନ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ଅମୂଲ୍ୟମଣୀ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଏବିଓ ରଶ୍ମିମତୀ ତ୍ରିପାଠୀ, ଟଙ୍କଧର ଭୋଇ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ଅତିଥି। ଦୌଡ, ହାଇଜମ୍ପ, ଲଙ୍ଗଜମ୍ପ, ମ୍ୟୁଜିକ ଚେୟାର, ଧୀର ସାଇକେଲ ଚାଳନା, ଅଖା ଦୌଡ ପ୍ରତିଯୋଗୀରେ ବିଦ୍ୟାଳୟର ୧୫୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ରୀଡା ଶିକ୍ଷୟିତ୍ରୀ ଜୟନ୍ତୀ ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ ସହକାରୀ ଶିକ୍ଷୟିତ୍ରୀ ମୀରା ତ୍ରିପାଠୀ, ସ୍ମିତା ମିଶ୍ର, ଜ୍ୟୋସ୍ନାମୟୀ ସାହୁ, ବିଷ୍ଣୁପ୍ରିୟା ଦାସ ଓ ଜ୍ୟୋତି ପ୍ରକାଶ ଷଡଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ସରଗାଡ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୩୫ଟି ବିଭାଗରେ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସିନିୟର ବାଳିକା ବର୍ଗରେ ରୀତୁ ଶର୍ମା, ବାଳକ ବର୍ଗରେ ରୋହନ ବେହେରା, ଜୁନିୟର ବାଳିକା ବର୍ଗରେ ପ୍ରତୀକ୍ଷା ପଧାନ ଓ ବାଳକ ବର୍ଗରେ ଅନୀଲ ସେଠ ଚାମ୍ପିୟନ ହୋଇଛନ୍ତି। ପ୍ରଧାନଶିକ୍ଷକ ହେମନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାକୁ ସ୍ଥାନୀୟ ସରପଞ୍ଚ ଚସରୋଜ ବେହେରା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।



ଲୋଇସିଂହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

# ଉତ୍ସର୍ଗୀକୃତ ଚିକିତ୍ସା ସେବା ପାଇଁ ସମ୍ବର୍ଦ୍ଧିତ



ବରିଷ୍ଠ ଭେଷଜ ବିଶେଷଜ୍ଞ ଡା ବଳରାମ ପାଣିଗ୍ରାହୀଙ୍କୁ ଏପିଆଇ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗୀର ଅଫିସ,୧୮।୧୨

ଉତ୍ସର୍ଗୀକୃତ ଚିକିତ୍ସା ସେବା ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ବଲାଙ୍ଗୀରର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା ବଳରାମ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ଶନିବାର ଅନୁଷ୍ଠିତ ଆସୋସିଏଶନ୍ ଅଫ୍ ଫିଜିସିଏନସ୍ ଅଫ୍ ଇଣ୍ଡିଆ (ଏପିଆଇ) ରାଜ୍ୟ ଚାପ୍ଟରରେ ତାଙ୍କୁ ଏହି ସମ୍ମାନ ମିଳିଛି। ଦୀର୍ଘ ୨୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଡା ପାଣିଗ୍ରାହୀ ପଶ୍ଚିମ ଓଡିଶାରେ ନିରନ୍ତର ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି। ସରକାରୀ ହସ୍ପିଟାଲଗୁଡିକରେ ରୋଗୀଙ୍କ ସେବା ସହ ଜାତୀୟ ଏବଂ ରାଜ୍ୟସ୍ତରୀୟ ମେଡିକାଲ ସେମିନାରରେ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ନିଜର ଉପସ୍ଥିତି ଜାହରି କହିଛନ୍ତି। ଅବସର ପରେ ବଲାଙ୍ଗୀରରେ ରହି ଚିକିତ୍ସା ସେବା ଜାରି ରଖିଛନ୍ତି। ମେଲେରିଆ ଓ ଡେଙ୍ଗୁ ଦୂରୀକରଣ ସହ ସର୍ପଦଂଶନ ଉପରେ ସେ ଦୀର୍ଘ ବର୍ଷ ଧରି ଉଲ୍ଲେଖନୀୟ କାମ କରିଛନ୍ତି। ଏହାବାଦ୍ ଜାମସେଦପୁର ଟାଟା ହସ୍ପିଟାଲରୁ କ୍ରିଟିକାଲ କେୟାର ଏବଂ ହୃଦ୍‌ରୋଗ ଉପରେ ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ସେ ଦୀର୍ଘବର୍ଷ ଜରୁରୀ ସେବା ଯୋଗାଇ ଲୋକପ୍ରିୟ ହୋଇଥିଲେ। ତାଙ୍କୁ ଏପିଆଇ ଷ୍ଟେଟ୍ ଚାପ୍ଟର ସମ୍ବର୍ଦ୍ଧିତ କରାଯାଇ ପ୍ରମାଣପତ୍ର ଓ ଉପାୟନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏପିଆଇ ଚାପ୍ଟର ଜାତୀୟ ସଭାପତି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡିଶା ଏପିଆଇ ଅଧକ୍ଷ ଡା ଜୟନ୍ତ କୁମାର ପଣ୍ଡା ଏବଂ ସମ୍ପାଦକ ନିହାର ରଞ୍ଜନ ମହାନ୍ତିଙ୍କ ସହ ବହୁ ବରିଷ୍ଠ ଡାକ୍ତର, ପ୍ରଫେସର ଏବଂ ଅଧିକାରୀ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇବା ପରେ ଡା ପାଣିଗ୍ରାହୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

### କୃଷିସେବା ସମବାୟ ସମିତି ପରିଚାଳନା କମିଟି ବୈଠକ

ଦେଓଗାଁ, ୧୮।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ କୃଷି ସେବା ସମବାୟ ସମିତି ପରିଚାଳନା ପରିଷଦ ବୈଠକ ଜୁର୍ଲାକାନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରାମକୃଷ୍ଣ ସାହୁ ବିବରଣୀ ପଠନ କରିଥିଲେ। ଉକ୍ତ ବୈଠକରେ ନିର୍ଦ୍ଦେଶକମାନେ ଯୋଗଦେଇ ଧାନକିଣାରେ ସ୍ୱଚ୍ଛତା ତଥା ପାକ୍ସର ଉନ୍ନୟନ କାମ ଉପରେ ମତପ୍ରକାଶ କରିଥିଲେ। ବର୍ତ୍ତମାନ ପାକ୍ସ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗୋଦାମ ଘର ନ ଥିବାରୁ ଅସୁବିଧା ଦେଖାଦେଇଛି। ବ୍ଲକ ମୁଖ୍ୟାଳୟରେ ଥିବା ଏହି ପାକ୍ସର କୋଠା ମରାମତି ତଥା ନିଜସ୍ୱ ଗୋଦାମ ଘର ନଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ପିକ୍‌ନିକ୍ ଯାଇ ଯୁବକଙ୍କ ମୃତଦେହ ଫେରିବା ଘଟଣା**

■ଶବ ବ୍ୟବଚ୍ଛେଦ ଗୃହ ନିକଟରେ ଉତ୍ତେଜନା

ବଲାଙ୍ଗୀର ଅଫିସ,୧୮।୧୨

ତୁଷରା ଥାନା ଜାମୁଟ ନିକଟ ଖଡଙ୍ଗ ନଦୀ ଗଦଗଦା ପିକ୍‌ନିକ ସ୍ପଟକୁ ଭୋଜି କରିବାକୁ ଯାଇଥିବା ବଲାଙ୍ଗୀର ଲାଲଟିକ୍ରା ଗୋପବନ୍ଧୁନଗରରେ ରହୁଥିବା ତ୍ରିନାଥ ପ୍ରଧାନ(୩୦)ଙ୍କ ଶନିବାର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ନଦୀରେ ବୁଡି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲେ ମଧ ରବିବାର ତାଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ତାଙ୍କୁ ତାଙ୍କ ସାଙ୍ଗମାନେ ପିଟି ମାରି ଦେଇଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଥିବା ତ୍ରିନାଥଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରବିବାର ସକାଳେ ବାହାର କରାଯାଇଥିଲା। ଶରୀରର ଏକାଧିକ ସ୍ଥାନରେ କ୍ଷତଚିହ୍ନ ରହିଛି ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ତ୍ରିନାଥଙ୍କ ମୂଳ ଘର ତଳିଉଡାର ଗ୍ରାମରୁ ତାଙ୍କ ପରିବାର ଲୋକେ, ସମ୍ପର୍କୀୟ ଓ ଗ୍ରାମବାସୀ ଆସି ସେଠାରେ ପାଟିତୁଣ୍ଡ କରିବାରୁ ହସ୍ପିଟାଲ ପରିସରରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ହତ୍ୟା ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଛି ବୋଲି ପରିବାର ଲୋକେ ଅଭିଯୋଗ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗ ଘଟଣାସ୍ଥଳରେ ପହଞ୍ଚି ଅଭିଯୋଗ ଅନୁସାରେ ତଦନ୍ତ କରାଯିବ ବୋଲି କହିଥିଲେ।

ସୂଚନା ମୁତାବକ ମୃତ ତ୍ରିନାଥ ମିଶନ ପଡିଆ ନିକଟ ଏକ ଫର୍ନିଚର ଦୋକାନରେ କାମ କରୁଥିଲେ। ଶନିବାର ଏହି ଫର୍ନିଚର ଦୋକାନ ମାଲିକ ଓ ତାଙ୍କ ଦୋକାନ କର୍ମଚାରୀମାନେ ଗଦଗଦାକୁ ଭୋଜି କରିବାକୁ ଯାଇଥିଲେ। ସେଠାରେ ଗାଧୋଉ ଥିବାବେଳେ ତ୍ରିନାଥଙ୍କ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ଖବର ପାଇ ତୁଷରା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିବା ସହ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲେ। ଏନେଇ ତୁଷରା ଥାନାରେ ଏକ ଅପମୃତ୍ୟୁ ମାମଲା (୧୬/୨୨) ରୁଜୁ କରାଯାଇଥିଲା।



ମୃତ ତ୍ରିନାଥ ପ୍ରଧାନ।

# ସଦାନନ୍ଦଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି

**ଛାତ୍ରଙ୍କ ବେକରେ ଜାଭେଲିନ୍ ପଶିଯିବା ଘଟଣା**

ବଲାଙ୍ଗୀର ଅଫିସ, ୧୮।୧୨

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ କ୍ରୀଡା ଚାଲିଥିବାବେଳେ ଶନିବାର ନବମ ଶ୍ରେଣୀ ଛାତ୍ର ସଦାନନ୍ଦ ମେହେରଙ୍କ ବେକରେ ଏକ ଜାଭେଲିନ୍ ଗଳି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଡାକ୍ତରୀ ଟିମ୍ ସଫଳତାର ସହ ଛାତ୍ରଙ୍କ ବେକରୁ ଜାଭେଲିନ୍‌କୁ କାଢ଼ିଥିଲେ। ଏହାପରେ ଛାତ୍ର ସଦାନନ୍ଦଙ୍କୁ ଆଇସିୟୁରେ ରଖାଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ମନିଟରିଂ କରାଯାଉଛି। ଏଡିଏମ୍‌ଓ ତଥା କନସଲଟାଣ୍ଟ ସର୍ଜନ ଡା ପ୍ରଭାତ କୁମାର ରଥଙ୍କୁ ପଚରାଯିବାରୁ ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି। ରବିବାର ସଦାନନ୍ଦଙ୍କୁ ତରଳ ଖାଦ୍ୟ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସଦାନନ୍ଦଙ୍କୁ ଡାକ୍ତରଖାନାରେ ରଖାଯିବ ବୋଲି ସୂଚନା ଦେଇଛନ୍ତି।





ଆହତ ଛାତ୍ର ସଦାନନ୍ଦ ମେହେର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସର୍ଜରୀ ବିଭାଗ ଆଇସିୟୁ ଭିତରେ ଅଛନ୍ତି(ବାମ)। ସଦାନନ୍ଦ ମେହେରଙ୍କ ବେକରୁ ଜାଭେଲିନ୍ କାଢ଼ିଥିବା ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ଡାକ୍ତରୀ ଦଳ।

# ପ୍ରାଥମିକ ଶିକ୍ଷକ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ

ଟିଟିଲାଗଡ, ୧୮।୧୨(ଡି.ଏନ.ଏ.)

ଟିଟିଲାଗଡ଼ ପ୍ରାଥମିକ ଶିକ୍ଷକ ସଂଘର ଦ୍ୱିବାର୍ଷିକ ସମ୍ମିଳନୀ ସ୍ଥାନୀୟ ବିଆରସି ବିଲ୍ଡିଂ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଟିଲାଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ମୁରିବାହାଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ମାଝି ଓ କୋଦଣ୍ଡଧର ଭୋଇ ପ୍ରମୁଖ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ଶିକ୍ଷକ ଭିଲୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ ଚାନ୍ଦ ସଭାର ଉଦ୍ଦେଶ୍ୟ ଜ୍ଞାପନ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ହୋତା ସଭା ପରିଚାଳନା କରିଥିଲେ। ସ୍ଥାନୀୟ ଧବଳେଶ୍ୱର ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘ ସଭାପତି ପଞ୍ଚାନନ ଗଡତ୍ୟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ସଂଘ ସଭାଗୃହ ନିର୍ମାଣ ପାଇଁ ସଂଘ ପକ୍ଷରୁ ସ୍ଥାନୀୟ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ନେଇ ସମ୍ପାଦକ ପଣ୍ଡା ସୂଚନା ଦେଇଥିଲେ। ଶିକ୍ଷକ ଅଭାବ ସତ୍ତ୍ୱେ ଶିକ୍ଷକମାନେ ପାଠପଢା ସୂଚାରୁ ରୂପେ ନିର୍ବାହ କରୁଥିବାରୁ ଶିକ୍ଷା ଅଧିକାରୀ ରଥ ଧନ୍ୟବାଦ ଜ୍ଞାପନ କରିଥଲେ। ଏଡି ଅବସରରେ ଅବସରପ୍ରାପ୍ତ ୧୮ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏଡି ଅବସରରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

# ୨୫ରୁ ଶୁଲିଆ ମହୋତ୍ସବ, ୨୭ରେ ଯାତ୍ରା

ଦେଓଗାଁ(ଡି.ଏନ.ଏ.)/ ବଲାଙ୍ଗୀର ଅଫିସ,୧୮।୧୨

ଡିସେମ୍ବର ୨୫ରୁ ଶୁଲିଆ ମହୋତ୍ସବ ଆରମ୍ଭ ହେବ। ୨୭ ତାରିଖ ପାରମ୍ପରିକ ଶୁଲିଆ ଯାତ୍ରା ଅନୁଷ୍ଠିତ ହେବ। ରବିବାର ଶୁଲିଆ ମହୋତ୍ସବ କମିଟି ପକ୍ଷରୁ ଚୁଡାନ୍ତ ପ୍ରସ୍ତୁତି ବୈଠକ ଖଇରଗୁଡାଠାରେ ଅନୁଷ୍ଠିତ ହୋଇଛି। ଡିସେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ତିନିଦିନ ଧରି ଶୁଲିଆ ମହୋତ୍ସବ ପାଳନ କରାଯିବା ନେଇ କମିଟି ସୂଚନା ଦେଇଛି। ବିଗତ ଦୁଇ ବର୍ଷ ହେବ କୋଭିଡ କଟକଣା ଯୋଗୁଁ ମହୋତ୍ସବ ବନ୍ଦ ରହିଥିଲା। ଚଳିତବର୍ଷ ଶୁଲିଆ ଭକ୍ତମାନେ ଅବାଧରେ ଦର୍ଶନ କରିବା ସହ ମହୋତ୍ସବ ଉପଭୋଗ କରିପାରିବେ ବୋଲି କମିଟି ସଭାପତି ମୟ ପଧାନୀ ସୂଚନା ଦେଇଛନ୍ତି। ଖଇରଗୁଡା ସ୍ଥିତ ଶୁଲିଆପଦାରେ ଅନୁଷ୍ଠିତ ବୈଠକରେ ପଧାନୀ ଆହୁରି କହିଥିଲେ ଯେ, ସମସ୍ତ ଶୁଲିଆ ଆୟୋଜକ ମିଳିତ ଭାବେ ଶୁଲିଆ ମହୋତ୍ସବ ପାଳନ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ବିଗତ ବର୍ଷମାନଙ୍କରେ ପିଇବା ପାଣି, ଯାତାୟତ ଓ ଟ୍ରାଫିକକୁ ନେଇ ଅନେକ ସମସ୍ୟ ଦେଖା ଦେଉଥିଲା। ଗତ ୧୬ ତାରିଖରେ ଶୁଲିଆ କମିଟି ପକ୍ଷରୁ ଏହାର ସମାଧାନ ନେଇ ଜିଲା ପ୍ରଶାସନ ସହ ସବିଶେଷ ଆଲୋଚନା କରାଯାଇଛି। ଜିଲା ପ୍ରଶାସନ ଏ ଦିଗରେ ସୁବନ୍ଦୋବସ୍ତ କରାଯିବା ସହ ଭକ୍ତମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦେଇଥିବା ସୂଚନା ଦେଇଥିଲେ। ଶୁଲିଆ ମହୋତ୍ସବକୁ ଲୋକାଭିମୁଖୀ ତଥା ମନୋରଞ୍ଜକ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ କହିଥିଲେ। ଆଦିବାସୀ ସଂସ୍କୃତିକୁ ବ୍ୟାପକ ଓ ଦୀର୍ଘସ୍ଥାୟୀ କରିବା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରଧାନୀ କହିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ରୀତିନୀତି ଅନୁସାରେ ଶୁଲିଆ ପୂଜା କରାଯିବ। ସୋମବାର ଦିନ ସକାଳୁ ବରଣ, ସନ୍ଧ୍ୟାରେ ନିଶିପୂଜା ଏବଂ ମଙ୍ଗଳବାର ସକାଳୁ ବିଧିବଦ୍ଧ ଭାବେ ପାରମ୍ପରିକ ପୂଜା କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ବୈଠକରେ ଶୁଲିଆ ମହୋତ୍ସବ କମିଟି ଉପସଭାପତି ପ୍ରଫୁଲ୍ଲ ଦାଶ, ଅନ୍ତ ଚୌହାନ, ସମ୍ପାଦକ ପ୍ରଭାତ ପାତ୍ର, ସହସମ୍ପାଦକ ସତ୍ୟ କାଲସାଏ, ରାଜେନ୍ଦ୍ର ପାଣି, କୋଷାଧକ୍ଷ ସୂର୍ଯ୍ୟକାନ୍ତ ରଣା, ମନବୋଧ ହରପାଲ, ପରମେଶ୍ୱର ନାଏକ, ଲୋଚନ ହନ୍ସା, ସୁଦର୍ଶନ ପଧାନ, ସୁବାସ ନାଏକ, ଅର୍ଜୁନ ସାହୁ ଓ ଅମର ରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ଶୁଲିଆ ମହୋତ୍ସବ କମିଟି ବୈଠକରେ ଉପସ୍ଥିତ ସଦସ୍ୟମାନେ।

## ସଂକ୍ଷେପରେ

### କାଠ, ନିର୍ମିତ ସାମଗ୍ରୀ ଜବତ

**ଅମରପାଲି,୧୮।୧୨(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବନାଞ୍ଚଳ ସୁବଳୟା ସେକ୍ସନ ଅଧୀନ ଯୁବରାଜପୁର ଗାଁରେ ବେଆଇନଭାବେ ରଖାଯାଇଥିବା କାଠ ପଟ୍ଟା ଜବତ କରିଛି ବନ ବିଭାଗ। ଚଢ଼ାଉ ବେଳେ ବେଆଇନ କଠ କାରବାର ବ୍ୟକ୍ତି ଫେରାର ହୋଇ ଯାଇଛନ୍ତି। ଯୁବରାଜପୁରରେ କାଠ ସାମଗ୍ରୀ ମହଜୁଦ ରଖି ବେପାର କରାଯାଉଥିବା ନେଇ ବନାଞ୍ଚଳ ଅଧିକାରୀଙ୍କୁ ଖବର ମିଳିଥିଲା। ରବିବାର ବନାଞ୍ଚଳ ଅଧିକାରୀ ଅବିନାଶ ବରିହାଙ୍କ ନିର୍ଦ୍ଦେଶରେ ସୁବଳୟା ପୋଲିସ ସହାୟତାରେ ବନପାଳ କବିତା ପାତ୍ରଙ୍କ ନେତୃତ୍ୱରେ ଯୁବରାଜପୁର ଗାଁର ମଙ୍ଗୁଲୁ ପଧାନଙ୍କ ଘରେ ଚଢ଼ାଉ କରାଯାଇଥିଲା। ମଙ୍ଗୁଲୁ କୌଣସି ମତେ ଫେରାର ମାରିଥିବା ବେଳେ ଘରେ ଥିବା ବେଆଇନ କାଠ ପଟା, କାଠ ତିଆରି ପଲଙ୍କ ଏବଂ ଅର୍ଦ୍ଧନିର୍ମିତ କାଠ ତିଆରି ସାରଞ୍ଜାମ ଜବତ କରାଯାଇଥିଲା। କାଠ ସାମଗ୍ରୀ ତିଆରି ପାଇଁ ବ୍ୟବହୃତ ଯନ୍ତ୍ରାଂଶ ମଧ ଜବତ ହୋଇଥିଲା।

### ମା' ଶାରଦା ଜୟନ୍ତୀ ପାଳିତ

**ଜାମଟିକ୍ରା, ୧୮।୧୨(ଡି.ଏନ.ଏ.):** ଅତାବିରା ବ୍ଲକ ଅତାବିରା ବିବେକାନନ୍ଦ ଯୁବ ମହାମଣ୍ଡଳ ଆନୁକୂଲ୍ୟରେ ମାଁ ଶାରଦା ଜୟନ୍ତୀ ରବିବାର ପାଳିତ ହୋଇଛି। ମହାମଣ୍ଡ ସଙ୍ଗଠକ ଦୁଃଖିଶ୍ୟାମ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଶିଶୁ ବିଶେଷଜ୍ଞ ଡଃ ପଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାମଣ୍ଡଳ ସଭାପତି ବାଳମୁକୁନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ନାରାୟଣ ମହାରଣା, ଉପଦେଷ୍ଟା ଅଚ୍ୟୁତାନନ୍ଦ ହୋତା ଓ ରାଧେଶ୍ୟାମ ପ୍ରଧାନ, ଉପ ସଭାପତି ଶ୍ରୀକାନ୍ତ ପଣ୍ଡା ମାଁ ଶାରଦାଙ୍କ ଜୀବନୀ ଉପରେ ମାର୍ଗଦର୍ଶନ କରିଥିଲେ । ମାତୃ ମଣ୍ଡଳର ଅନସୂୟା ଦେବତା ମାତୃଶକ୍ତି ସମୂହକୁ ମାର୍ଗଦର୍ଶନ କରିଥିଲେ । ଶିକ୍ଷକ ରବୀନ୍ଦ୍ର ମହାପାତ୍ର, ସାଧୁ ଗଡତିଆ, ଛନ୍ଦା ଚରଣ ଗଡତିଆ, ପଞ୍ଚାନନ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ୟବସାୟୀଙ୍କ ପରଲୋକ

**ସରଣ୍ଡା,୧୮।୧୨(ଡି.ଏନ.ଏ): ** ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ଜଣାଶୁଣା ବ୍ୟବସାୟୀ ମହେଶ ଶର୍ମାଙ୍କ ପରଲୋକ ହୋଇଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ସ୍ୱର୍ଗତ ଶର୍ମା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ପରଲୋକରେ ଗୋଡ଼ଭଗା ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି।

# ଲୋକନୃତ୍ୟରେ ଦୁଲୁକିଲା କୁରୁଆଁ ପୀଠ

**ବରଗଡ଼ ଅଫିସ, ୧୮।୧୨**

**ମାହେଶ୍ୱରୀ ମହୋତ୍ସବ ଉଦ୍‌ଯାପିତ**

ବରଗଡ଼ ଜିଲା କୁରୁଆଁ ସ୍ଥିତ ମାହେଶ୍ୱରୀ କଲ୍ୟାଣ ମଣ୍ଡପରେ ରବିବାର ମାହେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ସେନା ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ପ୍ରଥମେ ଇଷ୍ଟଦେବୀ ମାଁ ଉମା ମାହେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା ଏବଂ ସେଠାରୁ ମଶାଲ ଶୋଭାଯାତ୍ରା ବାହାରି ମହୋତ୍ସବସ୍ଥଳରେ ପହଞ୍ଚିଥିଲା। ମାହେଶ୍ୱରୀ ସେନାର ରାଜ୍ୟ ମୁଖ୍ୟ ସଂଯୋଜକ ଥବିର କର୍ମୀଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ କୃଷି ଅଧିକାରୀ ତଥା ମାହେଶ୍ୱରୀ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଫକୀର କର୍ଣ୍ଣ ମୁଖ୍ୟ ଅତିଥି, ଅଧ୍ୟାପିକା ଦେବଯାନୀ ମେସୁଆ, କୁରୁଆଁ ସରପଞ୍ଚ ପୁଷ୍ପାଞ୍ଜଳି କଲତା, ବରଗଡ଼ ଜିଲା ଡୁମାଳ ପରିଷଦ ସଭାପତି ଦୟାସାଗର ମେଣ୍ଡଲି, ଅନୁଗୋଳର ବିପିନ ବିହାରୀ ପାତ୍ର, ମାଲିଆ ଗୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତିର ଏକତା, ଐତିହ୍ୟ, ପରମ୍ପରା, ଶିକ୍ଷା, ସଂସ୍କୃତି, ସାମ୍ବିଧାନିକ ଅଧିକାର ଉପରେ ଆଲୋକପାତ କରିଥିଲେ। ମାହେଶ୍ୱରୀ ସେନାର ସେବା, ସହଯୋଗ, ସମର୍ପଣ ସହିତ ଜାତିର ଜନଗଣନା, କୁସଂସ୍କାର, ଅନ୍ଧବିଶ୍ୱାସ, ଯୌତୁକପ୍ରଥା, ନିଶା ନିବାରଣ ଉପରେ କାର୍ଯ୍ୟ କରିବା ପାଇଁ ଅତିଥିବୃନ୍ଦ ପରାମର୍ଶ ଦେଇଥିଲେ । ଆଗାମୀ ଦିନରେ ସମସ୍ତ ଜାତିଭାଇ ଏକଜୁଟ ହୋଇ ସରକାରଙ୍କଠାରେ କୃଷି କ୍ଷେତ୍ରରେ ମାଗଣା ବିଦ୍ୟୁତ୍ ଯୋଗାଣ, କୃଷି ଉତ୍ପାଦକ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ, ଗୋସେବକଙ୍କୁ ମାଗଣା ଗୁହାଳ ଓ ଘାସଚାଷ ନିମନ୍ତେ ମାଗଣା ଜମି ଏବଂ ଅନୁଦାନ, ଜାତି ଆଧାରିତ ଜନଗଣନା ପାଇଁ ସରକାରଙ୍କଠାରେ ଦାବି ଉପସ୍ଥାପନା ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପୁରୀ, ଭୁବନେଶ୍ୱର, କଟକ, ନରସିଂହପୁର, ଦଶପଲ୍ଲା, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ବୁର୍ଲା, ଦେବଗଡ଼, ଅନୁଗୋଳ, କନ୍ଧମାଳ, ଛତିଶଗଡରେ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ମାଗଣା ଜମି ଓ ଅନୁଦାନ ଯୋଗାଇ ଦେବା ସହିତ ରାଜ୍ୟରେ ଥିବା ପ୍ରତ୍ୟେକ ମାହେଶ୍ୱରୀ ମନ୍ଦିର ରକ୍ଷଣାବେକ୍ଷଣ ନିମନ୍ତେ ଅର୍ଥ ମଞ୍ଜୁର କରିବାକୁ ମଧ ଦାବି ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷମାନଙ୍କୁ ସମ୍ମାନିତ କରାଯାଇଥିଲା। ରକ୍ତଦାନ ଶିବିର ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଦୁଲଦୁଲି, ଡାଲଖାଇ, ରସରକେଲି ଲୋକନୃତ୍ୟରେ ମାହେଶ୍ୱରୀ ପୀଠ କୁରୁଆଁ ଦୁଲୁକି ଉଠିଥିଲା।

# 'ବଡ଼ମଣିଷଙ୍କ ବଡ଼ପଣ' ଲୋକାର୍ପିତ


ଛାତ୍ରୀଛାତ୍ର ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ବରଗଡ଼ ଅଫିସ, ୧୮।୧୨**

ବଡ଼ମଣିଷଙ୍କ ଜୀବନୀ ଛାତ୍ରୀଛାତ୍ରଙ୍କ ପାଇଁ ବତୀଘର ସଦୃଶ। ତେଣୁ ସେମାନେ ନିଜକୁ ଗଢ଼ିବା ପାଇଁ ମହାପୁରୁଷଙ୍କ ଜୀବନୀ ପାଠ କରିବା ଉଚିତ ବୋଲି ଶିଶୁ ସାହିତ୍ୟିକ ଡକ୍ଟର ରବିନାରାୟଣ ସାହୁଙ୍କ ରଚିତ ମହାପୁରୁଷମାନଙ୍କ ଜୀବନୀ ଆଧାରିତ ପୁସ୍ତକ 'ବଡମଣିଷଙ୍କ ବଡପଣ'ର ଲୋକାର୍ପଣ ଉତ୍ସବରେ ମତପ୍ରକାଶ ପାଇଛି। ବରଗଡ଼ ରାଣାପ୍ରତାପ ଉଚ୍ଚବିଦ୍ୟାଳୟର ସାହିତ୍ୟ ଶାଖା 'ଭାରତୀ ଶିଶୁ ସାହିତ୍ୟ ସଂସଦ'ର ସଭାନେତ୍ରୀ ଛାତ୍ରୀ ଅଶ୍ଳେଷା ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟ ଛାତ୍ର କ୍ୟାବିନେଟ୍‌ର ପରିବେଶ ମନ୍ତ୍ରୀ କ୍ରିଷ୍ଟା ବନଛୋର, ସଂସ୍କୃତି ମନ୍ତ୍ରୀ ଶାରଳା କୁମ୍ଭାର ଓ ଖାଦ୍ୟ ମନ୍ତ୍ରୀ ଦେବାନନ୍ଦ ସର୍ଭାଙ୍ଗ ଯୋଗଦାନ କରି ଉକ୍ତ ପୁସ୍ତକକୁ ଲୋକାର୍ପଣ ପୂର୍ବକ ଛାତ୍ର ଜୀବନରେ ମହାପୁରୁଷଙ୍କ ଜୀବନୀ ପଠନର ଉପାଦେୟତା ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ବିଶିଷ୍ଟ ଅତିଥି ଭାବେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ଡକ୍ଟର ଡୋଲାମଣି ଶତପଥୀ, ସାମାଜିକ କର୍ମୀ ଦିବାକର ମାଝି, ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ମହାପୁରୁଷଙ୍କ ଜୀବନୀ ବତୀଘର ସଦୃଶ ପଥପ୍ରଦର୍ଶନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପୁସ୍ତକର ଲେଖକ ଡକ୍ଟର ରବିନାରାୟଣ ସାହୁ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହ ଶିଶୁ ସାହିତ୍ୟ ସଂସଦର ସମସ୍ତ ସଦସ୍ୟାସଦସ୍ୟ ଓ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଷେତ୍ର ପରିଦର୍ଶନ, ଚାଷୀଙ୍କ ସହ ଆଲୋଚନା



କ୍ଷେତ୍ର ପରିଦର୍ଶନ କରୁଛନ୍ତି କୃଷି ଅଧିକାରୀ ବୃନ୍ଦ।

**ଡୁଙ୍ଗୁରିପାଲି, ୧୮।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଦାୟିତ୍ୱରେ ଥିବା ରାଜ୍ୟ ନୋଡ଼ାଲ ଅଧିକାରୀ ତଥା ଯୁଗ୍ମ କୃଷି ନିର୍ଦ୍ଦେଶକ (ଫାର୍ମ ଓ ବିହନ) ରାଜ କିଶୋର ଦାଶ ରବିବାର ଡୁଙ୍ଗୁରିପାଲି ବ୍ଲକ ଗସ୍ତ କରିଥିଲେ। କପାଶିରା ଗ୍ରାମରେ ଚିନାବାଦାମ ଚାଷ ଏବଂ ଡାହୁକବୁଡ଼ ଗ୍ରାମରେ କୃଷିବିଭାଗ ଦ୍ୱାରା କରାଯାଇଥିବା ଏକଚକିଆ ମୁଗ ଫସଲ ପ୍ରଦର୍ଶନ କ୍ଷେତ୍ର ଓ ସୋରିଷ ମିନିକିଟ ସେ ପରିଦର୍ଶନ କରିଥିଲେ।

ଏହାସହିତ ଚାମରପୁର ଗ୍ରାମର ଅଗ୍ରଣୀ ଚାଷୀ ଶାନ୍ତନୁ ସାହୁଙ୍କ ପରିବା ଫସଲ ଏବଂ ଉଦ୍ୟାନ ବିଭାଗ ତରଫରୁ ତାଙ୍କୁ ଦିଆଯାଇଥିବା ଶୀତଳିକରଣ ଗୃହ ପ୍ରକଳ୍ପ ପରିଦର୍ଶନ କରିଥିଲେ ଦାସ। ତାଙ୍କ ପରିଦର୍ଶନ ବେଳେ କର୍ଲାଜୁରୀ ଓ କନ୍ଦୁମୁଣ୍ଡା ଗ୍ରାମରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଖୋଳା ଯାଇଥିବା କ୍ଷେତ ପୋଖରୀ ବୁଲି ଦେଖିବା ସହ ତାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସରସ୍ୱତୀ ବିଶ୍ୱାଳଙ୍କ ଦ୍ୱାରା ବୈଦୁପାଲି ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଈଶ୍ୱର ସିଡ୍ସ ବିହନ ପ୍ରକ୍ରିୟାକରଣ ପ୍ଲାଣ୍ଟ ପରିଦର୍ଶନ କରି ତାର କାର୍ଯ୍ୟକାରିତା, ଖର୍ଚ୍ଚ ଅଟକଳ, ସରକାରୀ ରିହାତି ଏବଂ ଉତ୍ପାଦିତ ବିହନର ବିକ୍ରୟ ଉପରେ ନିର୍ଦ୍ଦେଶକ ଆଲୋଚନା କରିଥିଲେ। ଶେଷରେ ରାମପୁର ସ୍ଥିତ କୃଷିଫାର୍ମ ପରିଦର୍ଶନ କରି କୃଷି ଅଧିଦର୍ଶକ ମକରଧ୍ୱଜ ଭୋଇଙ୍କୁ ଭଲମନ୍ଦ ପଚାରି ବୁଝିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଗୌରୀଶଙ୍କର ସିଂ, ଆତ୍ମା ଉପପ୍ରକଳ୍ପ ନିର୍ଦ୍ଦେଶିକା ମିତାଲି ମଧୁମିତା ବିଶ୍ୱାଳ, ସହକାରୀ କୃଷି ଯନ୍ତ୍ରୀ ରଶ୍ମିତା ଦଳେଇ, କୃଷି ଜିଲା ଅଧିକାରୀ ବିନୋଦ କୁମାର ଲାକ୍ରା, ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦେହୁରୀ, ଉଦ୍ୟାନ ଉପନିର୍ଦ୍ଦେଶକ ହୃଷୀକେଶ ଦାଶ, ଡୁଙ୍ଗୁରିପାଲି ଗୋଷ୍ଠୀ କୃଷି ଅଧିକାରୀ ଦିଲ୍ଲ ରଞ୍ଜନ ମହାଳିକ, କୃଷି ଅଧିଦର୍ଶକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଗ୍ରାମ୍ୟ କୃଷି କର୍ମଚାରୀ ରଞ୍ଜନ କୁମାର ସାହୁ ଉପସ୍ଥିତ ଥିଲେ।

# ଅଙ୍ଗଦାନ ସଚେତନତା ଶୋଭାଯାତ୍ରା

**ଜାମଟିକ୍ରା, ୧୮।୧୨(ଡି.ଏନ.ଏ.)**

ଅତାବିରା ମାରୱାଡି ମହିଳା ସମିତି ତରଫରୁ ସଭାନେତ୍ରୀ ସାରଦା ଦେବୀ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ରବିବାର ଅଗ୍ରସେନ ଭବନଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଅତାବିରା ଦୁର୍ଗା ମନ୍ଦିରରୁ ବାହାରି ଅଗ୍ରସେନ ଭବନ ପର୍ଯ୍ୟନ୍ତ ଯାଇଥିଲା ଏବଂ ଶରୀର ଦାନ ଉପରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲା। ପରେ ଏକ ସଭାରେ ଅତାବିରା ଡାକ୍ତରଖାନା ମୁଖ୍ୟ ଡଃ ରବି ନାରାୟଣ ମିଶ୍ର ମୁଖ୍ୟ ଅତିଥି, ଡଃ ରାମଜୈନସ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମାରୱାଡ଼ି ଯୁବା ମଞ୍ଚ ସଭାପତି ହେମତ ଜୈନ, ଜାଗୃତି ଶାଖା ସଭାପତି ଶୋଭା ଅଗ୍ରୱାଲ, ମାରୱାଡ଼ି ସମ୍ମେଳନ ସଭାପତି ଶମ୍ଭୁନାଥ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ସରିତା ଅଗ୍ରୱାଲ, କବିତା ଶର୍ମା, ଗୀତା ବାଙ୍କା, ଲକ୍ଷ୍ମୀ ବାଙ୍କା ପ୍ରମୁଖ ସହଯୋଗ କରିଥିଲେ।

# କ୍ରୀଡ଼ାରେ କୋଶଳ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ସରଣ୍ଡା,୧୮।୧୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ନୂଆଁ ଖଇରପାଲି ସ୍ଥିତ କୋଶଳ ବିଦ୍ୟାଳୟର ୩୩ ଛାତ୍ରୀଛାତ୍ର ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ ସହିତ ଜିଲାସ୍ତର ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି । ଅତାବିରା ବାଳକ ହାଇସ୍କୁଲ ପଡ଼ିଆରେ ୩ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ କୋଶଳ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କ୍ରିକେଟ, କବାଡ଼ି, ଖୋଖୋ, ଭଲିବଲ, ବ୍ୟାଡ୍‌ମିଣ୍ଟନ, ଦୌଡ଼, ଡିଆଁ, ସଟ୍‌ପୁଟ୍, ଡିସକସ୍ ଥ୍ରୋ ଆଦି ପ୍ରତିଯୋଗିତାରେ ଭାଗ ନେଇ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବିଦ୍ୟାଧର ସାହୁ, ହୃଷିକେଶ ବରିହାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଛାତ୍ରୀଛାତ୍ରଙ୍କ କୃତିତ୍ୱ ନେଇ କୋଶଳ ବିଦ୍ୟାଳୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।


କ୍ରିକେଟ୍‌ରେ ସଫଳ କୋଶଳ ସ୍କୁଲର ଛାତ୍ରମାନେ ।

# ନାଡ଼ି ମର୍ଦ୍ଦନ ଚିକିତ୍ସା ଶିବିର

**ବରଗଡ଼ ଅଫିସ, ୧୮।୧୨**

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାର ଉନ୍ନୟନ କମିଟି ଆନୁକୂଲ୍ୟରେ ରବିବାର ଏକଦିବସୀୟ ପୁରାତନ ନାଡୀ ମଦର୍ନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ଗଣ୍ଠିବାତ ରୋଗର ଯୌଗିକ ପଦ୍ଧତିରେ ସରଳ ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ଯୌଗିକ ନ୍ୟୁରୋଥେରାପିଷ୍ଟ ଅଜିତ ମିଶ୍ର ଯୋଗଦେଇ କିପରି ବିନା ଔଷଧରେ ପୁରାତନ ରୋଗଗୁଡିକୁ ଉପଶମ କରାଯାଇପାରିବ ସେ ବିଷୟରେ ବିସ୍ତୃତ ଶିକ୍ଷା ପ୍ରଦାନ କରିଥିଲେ। ପଞ୍ଚାନନ ବିଡିଆ, ସେମସନ ନନ୍ଦ ପ୍ରମୁଖ ସାଇ ସେବା ସଂସ୍ଥା ତରଫରୁ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଏହି ଶିବିରରେ ପଡାର ଶତାଧିକ ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ।



ନିଗମାନନ୍ଦ ବିହାରରେ ଅନୁଷ୍ଠିତ ନାଡ଼ି ମର୍ଦ୍ଦନ ଚିକିତ୍ସା ଶିବିର।

# ବିନିକା ଏନ୍ଏସିରେ ନାହିଁ ଶୌଚାଳୟ

**ବିନିକା, ୧୮।୧୨(ଡି.ଏନ.ଏ.)**

- ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ହୋଇଛି ପୁରସ୍କୃତ
- ବସ୍‌ଷ୍ଟାଣ୍ଡରେ ଖୁବ୍‌ଶୀଘ୍ର ହେବ ଅସ୍ଥାୟୀ ଶୌଚାଳୟ: ନଗରପାଳ

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ପୁରସ୍କୃତ ହୋଇଛି। ହେଲେ ସହରରେ ନାହିଁ ଶୌଚାଳୟ। ସହରରେ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି। ଏନଏସି ପକ୍ଷରୁ ସଫାସୁତୁରା ପ୍ରତି ଧ୍ୟାନ ଦିଆଯାଉଛି। ହେଲେ ଲୋକଙ୍କ ଜରୁରୀକାଳୀନ ସୁବିଧା ପ୍ରତି କାହିଁକି ପ୍ରାଥମିକତା ଦିଆଯାଉନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିନିକା ବସ୍‌ଷ୍ଟାଣ୍ଡରେ ସୁଲଭ ଶୌଚାଳୟ, ପରିସ୍ରାଗାର ଥିଲା। ବର୍ତ୍ତମାନ ଉକ୍ତ ବସ୍‌ଷ୍ଟାଣ୍ଡ ମଡେଲ ବସ୍‌ଷ୍ଟାଣ୍ଡରେ ପରିଣତ ହେଉଥିବାରୁ ଏହାକୁ ଭଙ୍ଗା ଯାଇ କାମ ଚାଲୁ ରହିଛି। ତେବେ ଏହି ସମୟରେ ଲୋକେ କିପରି ଜରୁରୀକାଳୀନ ସୁବିଧା ପାଇବେ ତାହାକୁ ନେଇ ସମସ୍ୟା ଦେଖାଦେଇଛି। ବିଗତ ୧୫ବର୍ଷ ମଧ୍ୟରେ ସହରରେ ଜନସଂଖ୍ୟା ବଢ଼ି ଚାଲିଛି। ଏପରିସ୍ଥଳେ ସହର ଭିତରର କୌଣସି ଛକ କିମ୍ବା ରାସ୍ତାପାର୍ଶ୍ୱରେ ଶୌଚାଳୟ କି ପରିସ୍ରାଗାର ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଏନଏସି ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କୁ ପଚାରିବାରୁ ବସ୍‌ଷ୍ଟାଣ୍ଡରେ ଖୁବ୍‌ଶୀଘ୍ର ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବ ବୋଲି କହିଛନ୍ତି।

# ୧୯୯୧ ବ୍ୟାଚ୍‌ର ବନ୍ଧୁମିଳନ

**ଜାମଟିକ୍ରା,୧୮।୧୨(ଡି.ଏନ.ଏ.)**

ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ବା କଲେଜର ୧୯୯୧ ଯୁକ୍ତ ୩ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନକାନଳିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉକ୍ତ ବ୍ୟାଚ୍‌ର ଦିବ୍ୟକିଶୋର ମିଶ୍ର, ସୁଧୀର ମେହେର, ନାରାୟଣ ପଧାନ, ସୁଶାନ୍ତ ସାହୁ, ସୌରିନ୍ଦ୍ରୀ ଗଣତି, ଦୀପ୍ତିମୟୀ ତ୍ରିପାଠୀ, ଶୁଭଲକ୍ଷ୍ମୀ ପଣ୍ଡା, ବଦ୍ରିନାରାୟଣ ଦାସ, ସୁରଜ କମ୍ପ, କେଶବ ରଥ, ଦୁର୍ଯ୍ୟୋଧନ ଛତର, ଘଡିଗୋପାଳ ପାଣିଗ୍ରାହୀ, ସୂର୍ଯ୍ୟପ୍ରସାଦ ମୋତିଲାଲ, ପ୍ରମୋଦ ମହାରଣା, ଦିଲୀପ ଶତପଥି, ଅରୁଣ କୁମାର ମିଶ୍ର, ସୁବୋଧ ଚନ୍ଦ୍ର ପଧାନ ପ୍ରମୁଖ ଯୋଗଦେଇ କଲେଜର ପୁରୁଣା ସ୍ମୃତି ମନେ ପକାଇଥିଲେ। ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅମରପାଲି କ୍ରିକେଟ: କଳାପଥର ସେମିରେ

**ଅମରପାଲି,୧୮।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଭଗବାନ ସାହୁ ଗ୍ରାଉଣ୍ଡରେ ଫ୍ରେଣ୍ଡସ କ୍ଲବ ଓ ଜେମସଷ୍ଟାର କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ୩୦ତମ ଅମରପାଲି କ୍ରିକେଟ କପର ରବିବାର ଥିଲା ଚତୁର୍ଥ ଦିବସ। ରବିବାର ପ୍ରଥମ ମ୍ୟାଚ୍ ଅମରପାଲି ଓ କଳାପଥର ମଧ୍ୟରେ ହୋଇଥିଲା। କଳାପଥର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୩ ଉଇକେଟ ହରାଇ ୧୧୦ରନ କରିଥିଲା। ଜବାବରେ ଅମରପାଲି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୬୪ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଯୁଯୁମୁରା ଓ ଉଲୁଣ୍ଡା ମଧ୍ୟରେ ହୋଇଥିଲା। ଯୁଯୁମୁରା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୪୪ରନ କରିଥିଲା। ଦଳର ସୌମ୍ୟକ ପ୍ରଧାନ ୨୭ବଲରୁ ୮୭ରନ କରିଥିଲେ। ଯବାବରେ ଉଲୁଣ୍ଡାର ଅଭିଳାଶ ନାୟକଙ୍କ ୩୯ ବଲରୁ ବିସ୍ଫୋରକ ୧୦୧ରନ ସହାୟତାରେ ୨ଉଇକେଟ ହରାଇ ୧୪୫ରନ କରି ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚର ବିଜେତା କଳାପଥର ଓ ଦ୍ୱିତୀୟ ମ୍ୟାଚର ବିଜେତା ଉଲୁଣ୍ଡା ମଧ୍ୟରେ ଅନ୍ତିମ କ୍ୱାର୍ଟର ଫାଇନାଲ ହୋଇଥିଲା। ଏଥିରେ କଳାପଥର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୮ ଉଇକେଟ ହରାଇ ୧୨୮ ରନ କରିଥିଲା। ଦଳର ଅନିଲ ପଧାନ ୧୬ ବଲରୁ ୫୬ରନ କରିଥିଲେ। ଜବାବରେ ଉଲୁଣ୍ଡା ଦଳ ୮ ଓଭରରେ ୭ ଉଇକେଟ ହରାଇ ୯୫ରନ କରି ପରାସ୍ତ ହୋଇଥିଲା। କଳାପଥର ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆୟୋଜକ କମିଟି ସଭାପତି ପୀତାମ୍ବର ସାହୁଙ୍କ ପୌରୋହିତ୍ୟର ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସରପଞ୍ଚ ରଞ୍ଜିତ ଖେତି, ବଡମାଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ, ସ୍ଥାନୀୟ ହାଇସ୍କୁଲ ପରିଚାଳନା କମିଟି ସଭାପତି ବିଦ୍ୟାଧର ସାହୁ, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଦୁଃଶାସନ ସାହୁ, ପ୍ରୟାସ ସଙ୍ଗଠନ ସଭାପତି ରାଧେଶ୍ୟାମ ମିଶ୍ର ଅତିଥିଭାବେ ଯୋଗଦେଇ ଥିଲେ। କଳାପଥରର ଅନିଲ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା। ସୋମବାର ଉଭୟ ସେମିଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



କଳାପଥରର ଅନିଲ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

# ଏସ୍‌ଡିସିଏ-ଏ ଦଳଗତ ଚାମ୍ପିୟନ

**ଓସିଏ ଭିଜନ-୨୪ କ୍ରିକେଟ୍ ଲିଗ୍**

**ସୋନପୁର,୧୮।୧୨(ନି.ପ୍ର.)**



ଚାମ୍ପିୟନ ଦଳ ସହିତ ଅତିଥି ଓ କ୍ରିକେଟ୍ ସଂଘ କର୍ମକର୍ତ୍ତା।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳାସ୍ଥିତ ମା' କଳାପାଟ କ୍ରିକେଟ୍ ପଡିଆରେ ଚାଲିଥିବା ୧୬ବର୍ଷରୁ କମ୍ ଓ ୧୯ ବର୍ଷରୁ କମ କ୍ରିକେଟ୍ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଭିଜନ-୨୪ କ୍ରିକେଟ୍ ଲିଗ୍‌ରେ ମୋଟ ୬୦ ଜଣ କ୍ରିକେଟ ପ୍ରତିଭା ଅଂଶଗ୍ରହଣ କରିଥିଲେ। ଖେଳାଳିଙ୍କୁ ୪ଟି ଦଳରେ ଭାଗ କରି ୧୩ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଲିଗ୍ ଅନୁଷ୍ଠିତ ହୋଇଥିଲା। ପଏଣ୍ଟ ଭିତ୍ତିରେ ଏସଡିସିଏ-ଏ ଦଳ ଦଳଗତ ଚାମ୍ପିୟନ ହୋଇଛି। ଜିଲାସ୍ତରରେ ଚୟନ ହୋଇଥିବା ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ଚାଷୀ ନେତା ପଦ୍ମଲୋଚନ ମିଶ୍ର। ସେହିପରି ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ମିଶ୍ର, ଜିଲା କ୍ରିକେଟ୍ ସଂଘ ସଭାପତି ରାମ ଶଙ୍କର ସାହୁ, ଉପସଭାପତି କ୍ଷେତ୍ରବାସୀ ସାହୁ ଓ କୋଷାଧ୍ୟକ୍ଷ ଶ୍ୟାମ ସୁନ୍ଦର ପାତ୍ର ଯୋଗଦାନ କରିଥିଲେ। ଅତିଥି ବୃନ୍ଦ କ୍ରିକେଟ୍ ପ୍ରତିଭାଙ୍କୁ ପ୍ରେରଣା ଦେବା ସହ ଖେଳ ଜୀବନକୁ ଆଗେଇ ନେବା ପାଇଁ ଉତ୍ସାହିତ କରିଥିଲେ। ଏହି ଲିଗ୍‌ର ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ ପ୍ରଦୀପ ସେଠୀ, ବେଣୀ ମାଧବ ବେଦବାକ୍, ହୃଷିକେଶ ଚାନ୍ଦ ଓ ଆଶିଷ ମଲ୍ଲିକ। କ୍ରିକେଟ୍ ଲିଗ୍‌କୁ ସଫଳତାର ସହ ପରିଚାଳନା କରିଥିଲେ ବିଶ୍ୱଜିତ ମିଶ୍ର, ସିଦ୍ଧାର୍ଥ ମିଶ୍ର, ଶିକନ ସେଠୀ, ବିକାଶ କୁମାର ଜଗଦଲା, ଅମ୍ଳାନ ଅଭିଜିତ ହୋତା, ଭୀଷ୍ମ ହରିପାଲ ଓ ହିମାଂଶୁ ବରର୍ଡ଼ି। ଖେଳ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର ପଣ୍ଡା, ସୁଶାନ୍ତ ସେଠୀ, ଶ୍ରବନ୍ତ କୁମାର ନାଏକ, ରଘୁବୀର ମିଶ୍ର, ସୁରେଖ ବିଶି, ଗିରିଜା ଶଙ୍କର ଭୋଇନା ଓ କୃତ୍ତିବାସ ଚାନ୍ଦ। ଅନଲାଇନ ସ୍କୋରର ଥିଲେ ଦିନେଶ ଘିବେଲା।

## ଅଙ୍ଗଦାନ ସଚେତନତା ରାଲି

**ଝାରସୁଗୁଡ଼ା ଅଫିସ୍/ ବେଲପାହାଡ଼:** ବେଲପାହାଡ଼ଠାରେ ଅଙ୍ଗଦାନ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ରବିବାର ମାରୱାଡ଼ି ମହିଳା ସମିତି ଓ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ସ୍କୁଲର ମିଳିତ ଉଦ୍ୟମରେ ରକ୍ତଦାନ, ଚକ୍ଷୁଦାନ ଓ ଅଙ୍ଗଦାନ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ରାଲି ଆୟୋଜିତ ହୋଇଥିଲା। ରାଲି ଜାହାଜପଡ଼ାସ୍ଥିତ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ସ୍କୁଲରୁ ବାହାରି ସହର ପରିକ୍ରମା କରି ଗୁମାଡେରା ସହିଦ ସ୍ତମ୍ଭ ନିକଟରେ ପହଁଞ୍ଚିଥିଲା । ଏହି ରାଲିରେ ମାରୱାଡି ମହିଳା ସମିତି ବେଲପାହାଡର ସଦସ୍ୟାମାନଙ୍କ ସହ ବିବେକାନନ୍ଦ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ ।



# ବଦଳୁଛି ପାନପୋଷ ହକି ଛକ ରୂପରେଖ


ପାନପୋଷ ଛକରେ ହକି ବିଶ୍ୱକପ୍‌ର ପ୍ରତୀକ।


ପାନପୋଷ ଛକରେ ହକି ତାରକାଙ୍କ ଷ୍ଟାଚ୍ୟୁ ତିଆରି ହୋଇଛି।

**ରାଉରକେଲା ଅଫିସ,୧୮।୧୨**

### ଦେଖିବାକୁ ମିଳିବ ହକି ତାରକା ଷ୍ଟାଚ୍ୟୁ ସହ ବିଶ୍ୱକପ୍‌ର ଝଲକ

ଷ୍ଟିଲସିଟି ରାଉରକେଲାରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି ପୁରୁଷ ହକି ବିଶ୍ୱକପ୍। ଏହି ବିଶ୍ୱକପ୍ ରାଉରକେଲା ଛେଣ୍ଡ କଲୋନି ବିପିୟୁଟି ପରିସରରେ ନିର୍ମାଣାଧୀନ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯିବ। ହକି ବିଶ୍ୱକପ୍‌କୁ ଆଉ ମାତ୍ର ୨୬ ଦିନ ବାକି ରହିଥିବାବେଳେ ସହରରେ ଚାଲିଛି ବହୁ ଉନ୍ନତିମୂଳକ କାର୍ଯ୍ୟ। ସେଥିମଧ୍ୟରୁ ସହରର ପ୍ରବେଶ ପଥ କୁହାଯାଉଥିବା ପାନପୋଷ ହକି ଛକର ରୂପରେଖ ସମ୍ପୂର୍ଣ୍ଣ ବଦଳିଯାଇଛି। ହକି ବିଶ୍ୱକପ ସମୟରେ ସହରକୁ ଏହି ବାଟ ଦେଇ ବହୁ ସଂଖ୍ୟାରେ ଦର୍ଶକ ଓ ହକି କ୍ରୀଡ଼ାପ୍ରେମୀ ପ୍ରବେଶ କରିବେ। ତେଣୁ ସ୍ଥାନୀୟ ପ୍ରଶାସନ ପାନପୋଷ ହକି ଛକର ଉନ୍ନତୀକରଣ ସାଙ୍ଗକୁ ଛକର ମୁଖ୍ୟ ରାସ୍ତା ମାର୍ଗରେ ହକି ତାରକାଙ୍କ ଷ୍ଟାଚ୍ୟୁ ସହ ବିଶ୍ୱକପ୍‌ର ଝଲକ ନିର୍ମାଣ କରିଛି। ଛକଟି ଏନ୍‌ଏଚ-୧୪୩ ଉପରେ ଥିବାବେଳେ ବିଶ୍ୱକପ୍‌ରେ ହକି କ୍ରୀଡ଼ାପ୍ରେମୀଙ୍କୁ ସ୍ୱାଗତ କରିବା ପାଇଁ ରଙ୍ଗବେରଙ୍ଗ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏଠାରେ ପୂର୍ବରୁ ଏକ ପଥର ଉପରେ ଜିଲାର ବିଭିନ୍ନ ହକି ତାରକାଙ୍କ ନାମାଙ୍କନ କରାଯାଇଥିଲା। ଛକଟି ବହୁଦିନ ଧରି ଅବହେଳିତ ହୋଇ ପଡିରହିଥିବା ବେଳେ ବିଶ୍ୱକପ୍ ପୂର୍ବରୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ଉନ୍ନତୀକରଣ ପାଇଁ ୩ ମାସ ପୂର୍ବରୁ କାର୍ଯ୍ୟ ଆରମ୍ଭ କରିଥିଲା। ବର୍ତ୍ତମାନ ମୁଖ୍ୟ ରାସ୍ତାରେ ଏକ ବଗିଚା କରାଯାଇ ସେଥିରେ ହକି ଖେଳାଳିଙ୍କ ଷ୍ଟାଚ୍ୟୁ କରାଯାଇଛି। ଛକର ଅନ୍ୟପଟେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମର ଆଲୋକୀକରଣ ବ୍ୟବସ୍ଥା ଆକର୍ଷିତ କରୁଛି। ହକି ବିଶ୍ୱକପ୍ ପାଇଁ ସହରକୁ ଆସୁଥିବା ସମସ୍ତ କ୍ରୀଡାପ୍ରେମୀଙ୍କୁ ଷ୍ଟାଚ୍ୟୁ ମାଧ୍ୟମରେ ଏକ ହାତରେ ହକି ଷ୍ଟିକ ସହ ଅନ୍ୟ ହାତରେ ସ୍ୱାଗତ କରାଯାଇଛି। ଏଥିସହ ସହରର ପ୍ରମୁଖ ଛକମାନଙ୍କରେ ଏଲ୍‌ଇଡି ଟିଭି ବ୍ୟବସ୍ଥା ହୋଇଥିବା ଜଣାପଡିଛି।

## ରାଉରକେଲାରେ ରନ୍ ଫର୍ ହକି

**ରାଉରକେଲା ଅଫିସ,୧୮।୧୨**

ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ପକ୍ଷରୁ ରନ୍ ଫର୍ ହକି ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତା ରାଉରକେଲା ହନୁମାନ ବାଟିକା ଛକରୁ ଆରମ୍ଭ ହୋଇ ରାଉରକେଲା ରିଂରୋଡ୍ ଦେଇ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ଏସ୍‌ପି ମୁକେଶ କୁମାର ଭାମୁ, ହକି ଅଲିମ୍ପିଆର୍ଡ ଲାଜରୁସ୍ ବାର୍ଲା, ଡିଏଫ୍‌ଓ ଯଶୋବନ୍ତ ସେଠୀ, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଅଶୋକ କୁମାର ଦଣ୍ଡସେନା ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଆର୍‌ଏମ୍‌ସି ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୀଲ ମଲ୍ଲିକ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

## ସଂକ୍ଷେପରେ

### ଓଏସ୍‌ଇବି ଏମ୍ପ୍ଲଇଜ ୟୁନିୟନ ନିର୍ବାଚନ, ହରିହର ସଭାପତି

**ରାଉରକେଲା ଅଫିସ,୧୮।୧୨:** ଉଦିତନଗର ସ୍ଥିତ ଓଏସ୍‌ଇବି ଏମ୍ପ୍ଲଇଜ୍ ସଂଘ କାର୍ଯ୍ୟାଳୟରେ ୨୦୨୩ ବର୍ଷ ସକାଶେ ସାଧାରଣ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବେ ଶରତ ପରିଡା ଯୋଗ ଦେଇଥିଲେ। ନିର୍ବାଚନରେ ସଂଘର ସଭାପତି ଭାବେ ହରିହର ବେହେରାଙ୍କୁ ମନୋନିତ କରାଯାଇଥିବାବେଳେ ଉପସଭାପତି ଭାବେ ରାଉରକେଲାର ବିଜୟ କୁମାର ପ୍ରଧାନ, ରାଜଗାଙ୍ଗପୁରର ମୌସନ ଦାଶ, ସୁନ୍ଦରଗଡର ସୁନୀଲ କୁମାର ଚୌଧୁରୀ, ଓପିଟିସିଏଲର ଶୁଶାନ୍ତ କୁମାର ରାଉତଙ୍କୁ ଚୟନ କରାଯାଇଥିଲା। ସାଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ସାହୁ, ଉପସାଧାରଣ ସମ୍ପାଦକ ସୁବ୍ରତ କୁମାର ମିଶ୍ର, ଆଞ୍ଚଳିକ ସମ୍ପାଦକ ଆନନ୍ଦ ଗିରି, ମନୋଜ ମହାନ୍ତି, ହୃଦାନନ୍ଦ ମହାକୁଡ, କପିଳ ପୃଷ୍ଟି, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିଲା। ସଂଘ ସମ୍ବିଧାନର ଧାରା-୫ କ ଅନୁଯାୟୀ ଅନ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ନିର୍ବାଚନ କରାଯାଇଥିଲା। ନିର୍ବାଚନ ଅଧିକାରୀଙ୍କ ଆନୁଷ୍ଠାନିକ ଘୋଷଣାନାମା ପରେ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସଂଘ ସ୍ଥାୟୀ, ଅସ୍ଥାୟୀ, ଠିକା ଶ୍ରମିକ ଓ କର୍ମଚାରୀମାନଙ୍କର ଚାକିରି ନିରାପତ୍ତା ଓ ଶ୍ରମଭିତ୍ତିକ ମୌଳିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କାର୍ଯ୍ୟ କରିବ ବୋଲି ସଭାପତି ବେହେରା ଓ ଅନ୍ୟ ବିଜେତା ପ୍ରାର୍ଥୀମାନେ ପ୍ରତିଶ୍ରୁତି ଦେବା ସହ ସାଙ୍ଗଠନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ।

### ଜିଲା କ୍ରୀଡ଼ା ସଂଘ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ଝାରସୁଗୁଡ଼ା ଅଫିସ, ୧୮।୧୨:** ୪୯ନଂ. ଜାତୀୟ ରାଜପଥ ହଂସାମୁରା କଣ୍ଡାପାଲି ନିକଟରେ ଝାରସୁଗୁଡ଼ା ଜିଲା କ୍ରୀଡା ସଂଘର କାର୍ଯ୍ୟାଳୟ ପାଇଁ ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ପି ସୁରେଶ ପୂଜାରୀ, ବିଧାୟିକା ଅଳକା ମହାନ୍ତି, ଏସ୍‌ପି ରାହୁଲ ଜୈନ, ବେଦାନ୍ତ ସିଇଓ ସୁନିଲ ଗୁପ୍ତା, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଓଏସଏପି ୨ୟ ବାଟାଲିୟନ ଉପଦୁର୍ଗପତି ଭବାନୀ ସେଠ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଜିଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ତିଲେଶ୍ୱର ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ ଜିଲା କ୍ରୀଡା ସଂଘର ସମ୍ପାଦକ ତାପସ ରାୟ ଚୌଧୁରୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲା କ୍ରୀଡାରେ ବିଭିନ୍ନ ବର୍ଗର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମଞ୍ଚରେ ସମ୍ମାନିତ କରିଥିଲେ। ଏହି ମଞ୍ଚକୁ ସଂଘର ଯୁଗ୍ମ ସମ୍ପାଦକ ସୋନୁ ରୋନାଲ୍ଡ ପରିଚାଳନା କରିଥିବାବେଳେ ସଂଘର ଉପସଭାପତି ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବେଦାନ୍ତ କମ୍ପାନୀ ତରଫରୁ ୫୦ଲକ୍ଷ ଟଙ୍କା ଆର୍ଥିକ ଅନୁଦାନରେ ଏହି ସଂଘର କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ଜଣାପଡିଛି।

## କସ୍ତୁରୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ


ଉଦ୍‌ଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ କଳାକାରଙ୍କ ସହ ଅତିଥିଗଣ।

**ରାଉରକେଲା ଅଫିସ,୧୮।୧୨**

ରାଉରକେଲାର ନାଟ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ କସ୍ତୁରୀ ପକ୍ଷରୁ ସେକ୍ଟର-୧୯ ସିଭିକ୍ ସେଣ୍ଟରଠାରେ ତ୍ରିଦିବସୀୟ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ପ୍ରଥମ ଦିବସରେ ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆର୍‌ଏସ୍‌ପିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ. ଆର. ସୂର୍ଯ୍ୟବଂଶୀ, ଦୀପିକା ମହିଳା ସଂହତିର ସଭାପତି ସୀମା ଦେବ ଭୌମିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଜିତେନ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ରାଧାଶ୍ୟାମ ମହାନ୍ତି ଓ ଡ. ପୂଜା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ନେଇ 'ସତ କହିବାକୁ କିଆଁ ଡରିବି' ନାଟକ ପ୍ରଦର୍ଶିତ ହୋଇଥିଲା। ପରେ ସ୍ମରଣିକା 'ମଣିଷ ଖୋଜେ ମଣିଷ' ଉନ୍ମୋଚିତ ହୋଇଥିଲା। ଲାଠିକଟା ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରଙ୍କ ଦ୍ୱାରା ନାଟକ 'ମୋ ଆଖିରେ କେତେ କଥା' ପରିବେଷଣ କରାଯାଇଥିଲା। ମାରାଙ୍ଗବୁର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଟ୍ରାଇବାଲ ଡ୍ୟାନ୍ସ, ଡ୍ରାମା ସୋହରାଇ ପରବ ଓ ଦନ୍ତା ନୃତ୍ୟ ପରିବେଷଣ କରାଯାଇଥିଲା। ଉକ୍ତ ଉତ୍ସବରେ ନାଟ୍ୟକାର ଲାଲା ବିରେନ ପ୍ରସାଦ ରାୟ ଓ ଅଭିନେତା ଅଶୋକ କରଙ୍କୁ କସ୍ତୁରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଦ୍ୱିତୀୟ ଦିବସରେ ଆର୍‌ଏସ୍‌ପି ସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବିରଞ୍ଚି କୁମାର ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ଲିଖିତା ସେଠୀ ଓ ସାଥୀ କଳାକାରମାନେ କଥକ ନୃତ୍ୟ ପରିବେଷଣ କରିଥିଲେ। ଶ୍ରଦ୍ଧା ଅନୁଷ୍ଠାନର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ଆମ ଭବିଷ୍ୟତ, ସାରନା ନବ ଯୁବକ ସଂଘ ଦ୍ୱାରା ନାଟକ ଲଜ୍ଜା ପରିବେଷଣ ହୋଇଥିଲା। ୩ୟ ଦିବସରେ ନାଟ୍ୟ କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ନେଇ ନାଟକ ଦୃଶ୍ୟମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ୧୧୮ ଥର ରକ୍ତଦାନ କରିଥିବାରୁ ନରେନ୍ଦ୍ର ସିଂ କଲ୍ଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ସମ୍ମାନ ଅଶୋକ କୁମାର ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ପ୍ରମୋଦ କୁମାର ଶତପଥୀ, ପ୍ରଦୀପ କୁମାର ମହାପାତ୍ର, ରାକେଶ ନାୟକ, ପାଣ୍ଡବ ମଲ୍ଲିକ, ମନୋଜ କୁମାର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ମହାନ୍ତି, ଦୀପକ ରଥ, ପ୍ରଫୁଲ୍ଲ ମହାରଣା, ରମେଶ ପାତ୍ର, ନିହାର ରଞ୍ଜନ ମିଶ୍ର, ପ୍ରୀତି ବାରିକ ସହଯୋଗ କରିଥିଲେ।

## କଟକ ଦେଇ ଇଣ୍ଟରସିଟି ଚଳାଚଳ ଦାବି

**ରାଉରକେଲା ଅଫିସ,୧୮।୧୨**

ପଶ୍ଚିମ ଓଡ଼ିଶାଗାମୀ ଇଣ୍ଟରସିଟି ଟ୍ରେନ୍‌ଗୁଡିକ କଟକ ରେଳ ଷ୍ଟେଶନ ଦେଇ ଚଳାଚଳ କରିବାକୁ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ରାଉରକେଲାରୁ ଭୁବନେଶ୍ୱର ଇଣ୍ଟରସିଟି ଚଳାଚଳ କରୁଥିବାବେଳେ ସେହି ସମୟରେ ଭୁବନେଶ୍ୱରରୁ ରାଉରକେଲା ଦ୍ୱିତୀୟ ଇଣ୍ଟରସିଟି ଚଳାଚଳର ଆବଶ୍ୟକତା ଥିବା ବହୁ ଦିନରୁ ଦାବି ହୋଇଆସୁଛି। ଏହି ଟ୍ରେନ ଚଳାଚଳ କଲେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମଞ୍ଚ ସଭାପତି ଡାକ୍ତର ଫକୀର ଚରଣ ହୋତା ଓ ସାଧାରଣ ସମ୍ପାଦକ ପି. ପି. ରାୟ କହିଛନ୍ତି। ସେହିପରି ପଶ୍ଚିମ ଓଡ଼ିଶାକୁ ଯାତାୟାତ ପାଇଁ କଟକ ସମେତ କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର ଜିଲାର ଜନତା କଟକ ରେଳଷ୍ଟେଶନ ଉପରେ ନିର୍ଭର କରନ୍ତି । ଦୈନନ୍ଦିନ ଯାତ୍ରା ଲାଗି କଟକ ରେଳ ଷ୍ଟେଶନରେ ପଶ୍ଚିମ ଓଡ଼ିଶା ଯିବାକୁ କୌଣସି ଇଣ୍ଟରସିଟି ଟ୍ରେନ ଚଳାଚଳ କରୁନାହିଁ। ଇଣ୍ଟରସିଟି ଟ୍ରେନ କଟକ ଦେଇ ଚଳାଚଳ କଲେ ଯାତ୍ରୀମାନେ ସକାଳେ ସମ୍ବଲପୁର ଓ ଅନୁଗୁଳ ବାହାରି ଅପରାହ୍ଣରେ କଟକ ଫେରିପାରନ୍ତେ । ଅନ୍ୟପଟେ ଭୁବନେଶ୍ୱରରୁ ରାଉରକେଲା ଇଣ୍ଟରସିଟି ଚଳାଇଲେ ଯାତ୍ରୀମାନେ ବହୁ ପରିମାଣରେ ଉପକୃତ ହୋଇପାରନ୍ତେ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାସହ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରେଳମନ୍ତ୍ରୀଙ୍କ ନିକଟରେ ଏ ସମ୍ପର୍କରେ ଉଠାଇଥିବା ପ୍ରସ୍ତାବକୁ ଯଥାର୍ଥ ଏବଂ ଏହାକୁ ମଞ୍ଚ ସମର୍ଥନ କରୁଛି ବୋଲି ସଭାପତି ହୋତା କହିଛନ୍ତି।

## ନିର୍ମାଣାଧୀନ ଡୁମକଳା ବିଜୁ ସେତୁ ପରିଦର୍ଶନ କଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ

**ଲହୁଣୀପଡ଼ା,୧୮।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଡୁମକଳା ଗ୍ରାମର ବ୍ରାହ୍ମଣୀ ନଦୀଠାରେ ବିଜୁ ସେତୁକୁ ରବିବାର ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡେଇ ପରିଦର୍ଶନ କରିଥିଲେ। ବଣେଇ ସଦର ମହକୁମାକୁ ଲହୁଣୀପଡା, କୋଇଡା ବ୍ଲକର ଲୋକମାନେ ସିଧାସଳଖ ସଂଯୋଗ କରିପାରିବେ ବୋଲି ମନ୍ତ୍ରୀ କହିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ସଭା ମାଧ୍ୟମରେ ଧନ୍ୟବାଦ ପ୍ରଦାନ କରାଯାଉଛି ବୋଲି କହିଥିଲେ। ମନ୍ତ୍ରୀ ସେତୁର କାର୍ଯ୍ୟ ତଦାରଖ କରିବା ସହିତ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସହିତ ଆଲୋଚନା କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପରାମର୍ଶ ଦେଇଥିଲେ। ତାପରେ ଡୁମକଳା ଗ୍ରାମ୍ୟ ମଣ୍ଡପ ନିକଟରେ ଏକ ଧନ୍ୟବାଦ ସଭା କୁମାର ଗୌତମ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଘଡେଇଙ୍କ ସମେତ ଜିଲା ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ବଣେଇ ବ୍ଲକ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ମଞ୍ଜୁଲତା କିଷାନ ଓ ବିନତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା,ଜିଲା ପରିଷଦ ସଦସ୍ୟ ଜୁଲିଆନି କାଣ୍ଡିର,ରାମଚନ୍ଦ୍ର ସାହୁ,ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ,ଲହୁଣୀପଡା ଲ୍ୟାମ୍ପସ ସଭାପତି କିଶୋର କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଧନ୍ୟବାଦ ସଭାକୁ ସମିତି ସଭ୍ୟ ଅଶୋକ କୁମାର ବେହେରା, ଲକ୍ଷ୍ମୀ କିଷାନ, ଶୁସାନ୍ତ ମୁଣ୍ଡାରୀ, ସହଯୋଗ ସଭାପତି ଉମେଶ ରାୟ, ଭୁବନେଶ୍ୱର ବେହେରା, ବିଭୂତିଭୂଷଣ କର, ବାପି ଖଟୁଆ, ହରିହର ମାହାନ୍ତ, ଜୟନ୍ତୀ ମାହାନ୍ତ, ଗୋକୁଳା ନନ୍ଦ ବାରିକ, ରମେଶ ନାୟକ, ବାସୁଦେବ କର, ଭୁବନାନନ୍ଦ କିଷାନ ପ୍ରମୁଖ ବିଜେଡି କର୍ମକର୍ତ୍ତା ପରିଚାଳନା କରିଥିଲେ। ଶେଷରେ ବ୍ଲକ ଉପସଭାପତି ପ୍ୟାରା ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।


ଧନ୍ୟବାଦ ସଭାରେ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡେଇ ଓ ଅନ୍ୟମାନେ ଉପସ୍ଥିତ।

## ଟିଆର୍‌ଏଲ୍ କ୍ରୋସାକୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ୩୮୮ ନାମ ପଞ୍ଜୀକରଣ

**ଝାରସୁଗୁଡା ଅଫିସ୍ / ବେଲପାହାଡ,୧୮।୧୨**

ବେଲପାହାଡ ଟିଆର୍‌ଏଲ୍ କ୍ରୋସାକୀ କମ୍ପାନୀ ତରଫରୁ ଲଖନପୁର ବ୍ଲକ୍ ଅନ୍ତର୍ଗତ ଭିକମପାଲି ଗୋଷ୍ଠୀ କେନ୍ଦ୍ରରେ ଶନିବାର ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବର ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର ପିଆର୍ ବିଭାଗ, ସିଏସ୍‌ଆର ବିଭାଗ ଓ କମ୍ପାନୀ ଡାକ୍ତରଖାନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ମୋଟ ୩୮୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଟିଆରଏଲ କ୍ରୋସାକୀ ଡାକ୍ତରଖାନାର ଶଲ୍ୟ ଚିକିତ୍ସକ ଡା.ରୋମି ଆରଲାଣ୍ଡ, ଡା.ଦୀପ୍ତି ଆରଲାଣ୍ଡ, ଶିଶୁ ରୋଗ ବିଶେଷଜ୍ଞ ଡା.ସମିର ରଞ୍ଜନ ପାଢୀ, ଅସ୍ଥି ଶଲ୍ୟ ଚିକିତ୍ସକ ଡା.ବରୁଣ ପଟେଲ ପ୍ରମୁଖଙ୍କ ସହ ଡାକ୍ତରଖାନାର ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଭିକମପାଲି ପଞ୍ଚାୟତ ସରପଞ୍ଚ ପଦ୍ମିନୀ ସାହୁ, ସମିତି ସଭ୍ୟା ବବିତା ମହାପାତ୍ର, ନାଏବ ସରପଞ୍ଚ ଶ୍ୟାମ ସୁନ୍ଦର ବଂଜାରାଙ୍କ ସମେତ ଟିଆରଏଲ କ୍ରୋସାକି କମ୍ପାନୀର ମାନବ ସମ୍ବଳ ଓ ସାମାଜିକ ଉତ୍ତରଦାୟୀତ୍ୱ ବିଭାଗର ଡିଜିଏମ୍ ଡା ସନ୍ତୋଷ ମିଶ୍ର, ମ୍ୟାନେଜର ଶଶାଙ୍କ ଦିକ୍ଷୀତ, ବ୍ରଜବନ୍ଧୁ ଶତପଥି ଓ ମିନାକ୍ଷୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଶିବିରରେ ଡାକ୍ତର ରୋଗୀଙ୍କ ପରୀକ୍ଷା କରୁଛନ୍ତି।

# ଇଡ୍‌କୋ ଜମି ଅଧିଗ୍ରହଣକୁ ବିରୋଧ

**ଝାରସୁଗୁଡ଼ା ଅଫିସ/ବେଲପାହାଡ଼, ୧୮।୧୨**

ଲଖନପୁର ବ୍ଲକ ଅନ୍ତର୍ଗତ କୁଡ଼ାଲୋଇ, ବଂଜାରୀ ଓ ପିପିଲିମାଲ ଗ୍ରାମପଞ୍ଚାୟତ ସମେତ ବେଲପାହାଡ଼ ମ୍ୟୁନିସିପାଲିଟିର କେତେକ ସରକାରୀ ଜମିକୁ ଇଡ୍‌କୋକୁ ଲିଜ ଆକାରରେ ଦିଆଯିବାକୁ ବିରୋଧ କରି ଉପରୋକ୍ତ ପଞ୍ଚାୟତବାସୀଙ୍କ ସହ ବେଲପାହାଡ଼ବାସୀ ଏକଜୁଟ ହୋଇ ସରକାରଙ୍କ ଏତାଦୃଶ ବିସ୍ଥାପନ ପ୍ରକ୍ରିୟା ବିରୋଧରେ ରଣହୁଙ୍କାର ଦେଇଛନ୍ତି। ପୁରୁଷାନୁକ୍ରମେ ପ୍ରକୃତିଦତ୍ତ ଜଙ୍ଗଲ ଜମି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ନିରିହ ଗ୍ରାମବାସୀଙ୍କୁ ବିସ୍ଥାପିତ କରି ଶିଳ୍ପପତିଙ୍କୁ ସରକାର ଚକ୍ରାନ୍ତ କରି ଇଡ଼କୋ ମାଧ୍ୟମରେ ଜମି ଯୋଗୋଇବା ମାନସିକତାକୁ ଜମି ସୁରକ୍ଷା କ୍ରିୟାନୁଷ୍ଠାନ ସମିତି ଦୃଢ ନିନ୍ଦା କରିଛି। କିସମ ପରିବର୍ତ୍ତନ କରି ଇଡ୍‌କୋକୁ ଲିଜ ସୂତ୍ରରେ ପ୍ରଦାନ କରିବା ପାଇଁ ତହସିଲଦାର ଲଖନପୁରଙ୍କ ଅଦାଲତରୁ ଜଙ୍ଗଲ ଜମି ପାଇଁ ନୋଟିସ ସଂଖ୍ୟା ୪୧୧୦ ତା ୨୯।୧୦।୨୦୨୨ ରିଖ ଓ ସରକାରୀ ଜମି ପାଇଁ ତା ୨୫।୧୦।୨୦୨୨ ରିଖ ଦିନ ପୃଥକ ଭାବରେ ସର୍ବସାଧାରଣଙ୍କୁ ଆପତ୍ତି ଅଭିଯୋଗ ପାଇଁ ନୋଟିସ ଜାରି କରାଯାଇଥିଲା। ତେବେ ଆପତ୍ତି ଅଭିଯୋଗ ଗ୍ରହଣ ଧାର୍ଯ୍ୟ ତାରିଖର ଦୁଇ ତିନି ଦିନ ପୂର୍ବରୁ ପ୍ରଶାସନ ତରଫରୁ ଗ୍ରାମବାସୀଙ୍କୁ ନୋଟିସ ଜାରି କରାଯାଇଥିବା ବିଷୟକୁ ସମିତିର କର୍ମକର୍ତ୍ତାମାନେ ସମାଲୋଚନ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ଗ୍ରାମବାସୀ ଧାର୍ଯ୍ୟ ସମୟରେ ନିଜ ଗ୍ରାମରେ ଗ୍ରାମସଭା ମାଧ୍ୟମରେ ଇଡ୍‌କୋ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଦୃଢ ବିରୋଧ କରିବା ସହ ତହସିଲଦାରଙ୍କ ଅଦାଲତରେ ଆପତ୍ତି ଅଭିଯୋଗ କରିଥିବା ଜଣାପଡିଛି। ଖଣିଖାଦାନ କରାଗଲେ ହଜାର ହଜାର ପରିବାର ବିସ୍ଥାପିତ ହେବେ। ସବୁଜିମା ଲୋପ ପାଇବ। ଜଳ, ଜଙ୍ଗଲ, ଜମି ସମ୍ପୂର୍ଣ୍ଣଭାବେ ଧ୍ୱଂସ ହେବ। ଏହାର ପ୍ରତିବଦଳରେ ଅଞ୍ଚଳବାସୀଙ୍କୁ ମିଳିବ କଣ ବୋଲି ଗ୍ରାମବାସୀ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏନେଇ ଜମି ସୁରକ୍ଷା କ୍ରିୟାନୁଷ୍ଠାନ ସମିତି ତରଫରୁ ବଞ୍ଜାରୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ବଞ୍ଜାରୀ ସରପଞ୍ଚ ସୀମା ସାହୁଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ବରିଷ୍ଠ କର୍ମକର୍ତ୍ତା ବିରଞ୍ଚି ସାହୁ, ଗୋପିନାଥ ମାଝି, ଦୟା ସାଗର ପଧାନ, ବିନୋଦବିହାରି ମାଝି, ଗୋବିନ୍ଦ ବଡେଇ, ବିନୋଦ ସାହୁ, ବଂଜାରୀ ନାଏବ ସରପଞ୍ଚ ବିରଞ୍ଚି କରାଲୀ, ୱାର୍ଡ ମେମ୍ବର ଦିଲ୍ଲୀପ କୁମାର ପିଙ୍ଗ ଓ ଲିଲି ଦୀପ, ମୋହନ ଚନ୍ଦ୍ର ପଧାନ ପ୍ରମୁଖ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ସମିତିର କର୍ମକର୍ତ୍ତାମାନେ।

